## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଅଭିଯୁକ୍ତ ଅଟକ

କପ୍ତିପଦା,୨୫।୨(ଡ଼ି.ଏନ୍.ଏ.): ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଞ୍ଚଳର ଜଣୈକା ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ଅଭିଯୁକ୍ତଙ୍କୁ ପୋଲିସ୍ ଅଟକ ରଖି ତଦନ୍ତ ଜାରି ରଖିଛି । ପୋଲିସ ସୂଚନା ଅନୁଯାୟୀ, ୨୦ ତାରିଖରେ ଠାକୁରମୁଣ୍ଡା ବ୍ଲକ ମହୁଲଡ଼ିହା ଥାନା କିରିକିଚିଆପାଳ ଗ୍ରାମର ରମେଶ ଦଳେଇ କପ୍ତିପଦା ଥାନା ଅଞ୍ଚଳର ଉକ୍ତ ନାବାଳିକାଙ୍କୁ ସାଙ୍ଗରେ ନେଇ ଭେଜିଡ଼ିହା ଛକ ପାଖ ଜଙ୍ଗଲରେ ବିବାହର ପ୍ରଲୋଭନ ଦେଖାଇ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାକୁ କହିଲେ ଜୀବନରୁ ମାରିଦେବାର ଧମକ ଦେବା ସହିତ ବସ୍‌ଷ୍ଟାଣ୍ଡରେ ଛାଡ଼ି ଚାଲି ଯାଇଥିଲେ। ପରେ ନାବାଳିକାଜଣକ ବନ୍ଧୁଘର ଉଦଳା ଥାନା ଅଞ୍ଚଳକୁ ପଳାଇ ଆସିଥିଲେ। ପୀଡ଼ିତାଙ୍କ ବାପା ଅସୁସ୍ଥ ଥିବାରୁ ମଙ୍ଗଳବାର ଘଟଣା ସମ୍ପର୍କରେ କପ୍ତିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ କପ୍ତିପଦା ଥାନାରେ ଏକ ମାମଲା (ନଂ.୫୩/୨୦୨୦) ରୁଜୁ ହୋଇଛି ।

### ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର

ରାଇରଙ୍ଗପୁର,୨୫।୨(ଡ଼ି.ଏନ୍.ଏ.): ରାଇରଙ୍ଗପୁର ସହରାଞ୍ଚଳ ଥାନା ଅଧୀନ ୨୨୦ନଂ. ଜାତୀୟ ରାଜପଥର ମହୁଲଡିହା ଛକରେ ମଙ୍ଗଳବାର ଅପରାହ୍ନ ୩ଟାରେ ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆହତ ବାଇକ୍ ଆରୋହୀ ହେଲେ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରାଖାସାହି ଗ୍ରାମର ପ୍ରୀତିଶ ପରିଡ଼ା। ଅଗ୍ନିଶମ ବିଭାଗ କର୍ମଚାରୀ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପିକ୍‌ଅପ୍ ଭ୍ୟାନ୍ ଓ ବାଇକ୍‌କୁ ଜବତ କରିଛି।

### ଓକିଲ ସଂଘ ପକ୍ଷରୁ ଶୋକସଭା

ବାରିପଦା ଅଫିସ,୨୫।୨: ଜିଲା ଓକିଲ ସଂଘ ପକ୍ଷରୁ ବାରିପଦା ସଭାଗୃହଠାରେ ମଧୁସୂଦନ ଦାସଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ସମ୍ପାଦକ ବସନ୍ତ କୁମାର ଭୋଳଙ୍କ ଆବାହକତ୍ୱରେ ଅନୁଷ୍ଠିତ ଶୋକସଭାରେ ସଭାପତି ଶାନ୍ତନୁ କୁମାର ଦାସ ଅଧକ୍ଷତା କରିଥିଲେ। ସଂଘର ପୂର୍ବତନ କର୍ମଚାରୀ ମଧୁସୂଦନଙ୍କ ବିୟୋଗରେ ସଭ୍ୟା ସଭ୍ୟମାନେ ଶୋକପ୍ରକାଶ କରିବା ସହିତ ତାଙ୍କର ସ୍ମୃତିଚାରଣ କରିଥିଲେ। ଆଇନଜୀବୀ ହିମାଂଶୁ କୁମାର ପରିଡ଼ା, ପ୍ରଦୀପ କୁମାର ରଥ, ଅମୃଜ କୁମାର ପୃଷ୍ଟି, ବସନ୍ତକୁମାର ଭୋଳ, ଉମାକାନ୍ତ ରାଉତ ପ୍ରମୁଖ ଶୋକସଭାରେ ଯୋଗ ଦେଇଥିଲେ।

### ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଲେ ଲୋକେ

**ବାରିପଦା ଅଫିସ,୨୫।୨:** ଡ୍ରେନ୍ ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବା ଦାବିରେ ଶ୍ୟାମାଖୁଣ୍ଟା ବ୍ଲକ ଅଧୀନ ଭାଲୁକି ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ଲୋକେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଖବରପାଇ ସ୍ଥାନୀୟ ସରପଞ୍ଚ ଓ କନିଷ୍ଠଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ପଞ୍ଚାୟତ ଅନ୍ତର୍ଗତ ଭାଲୁକି ଗ୍ରାମରେ ନିର୍ମାଣାଧିନ ଏକ ଡ୍ରେନ ଅଧାପନ୍ତରିଆ ହୋଇ ପଡ଼ିଛି। ଏନେଇ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଥିଲେ ମଧ ସେମାନଙ୍କ କଥାକୁ କେହି ଗୁରୁତ୍ୱ ଦେଇ ନ ଥିବାରୁ ପଞ୍ଚାୟତରେ ତାଲା ପକା ଯାଇଥିବା ଗ୍ରାମବାସୀ କହିଛନ୍ତି।

### ନୂତନ ତହସିଲଦାରଙ୍କ ଯୋଗଦାନ

କପ୍ତିପଦା,୨୫।୨(ଡ଼ି.ଏନ୍.ଏ.): କପ୍ତିପଦାର ନୂତନ ତହସିଲଦାର ଭାବେ ରାଧାରଞ୍ଜନ ଦାସ ସୋମବାର କାର୍ଯ୍ୟରେ ଯୋଗଦେଇଛନ୍ତି । ଏହା ପୂର୍ବରୁ ସେ ବାରିପଦା ଜିଲାପାଳଙ୍କ କାର୍ଯ୍ୟାଳୟରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ସେ ପଦୋନ୍ନତି ପାଇବା ପରେ ତହସିଲଦାର ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି। କପ୍ତିପଦା ଅତିରିକ୍ତ ତହସିଲଦାର ଲକ୍ଷ୍ମୀଧର ନାୟକଙ୍କଠାରୁ ସେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି।

# କାର୍ଯ୍ୟାଳୟ ଅଛି, ଅଧିକାରୀ ନାହାନ୍ତି

- ୮ମାସ ହେଲା ଖାଲି ପଡ଼ିଛି ଏସ୍‌ପିଏ ପଦବୀ
- ମିଳୁନି ଅନୁମତି, ହୋଇପାରୁନି ଘର କାର୍ଯ୍ୟ

ବାରିପଦା ଅଫିସ, ୨୫।୨

କାର୍ଯ୍ୟାଳୟ ଅଛି ହେଲେ ଅଧିକାରୀ ନାହାନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ବାରିପଦା ମୁର୍ଗାବାଡ଼ି ଗୋଲେଇ ନିକଟସ୍ଥ ସହର ଯୋଜନା ଶାଖା କାର୍ଯ୍ୟାଳୟରେ। ଏହି ଶାଖାରେ ସ୍ୱତନ୍ତ୍ର ଯୋଜନା କର୍ତ୍ତୃପକ୍ଷ ଅଧିକାରୀ(ଏସ୍‌ପିଏ)ଙ୍କ ପଦବୀ ୮ ମାସ ହେଲାଣି ଖାଲି ପଡ଼ିଛି। ଫଳରେ ବାରିପଦା ସମେତ ରାଇରଙ୍ଗପୁର, କରଞ୍ଜିଆ ଏବଂ ଉଦଳା ସହରରେ କୌଣସି ଘର କାର୍ଯ୍ୟ ହୋଇ ପାରୁନାହିଁ। କାର୍ଯ୍ୟାଳୟରେ ଅଧିକାରୀ ନ ଥିବା ହେତୁ ଆବେଦନ କରୁଥିବା ଲୋକମାନଙ୍କୁ ଘର କରିବା ପାଇଁ ମଞ୍ଜୁରୀ ମିଳୁନାହିଁ। ଯାହା ଦ୍ୱାରା ଘର ନିର୍ମାଣ ହୋଇପାରୁନାହିଁ। ପୂର୍ବରୁ ସହରବାସୀ ଘର ପ୍ଲାନିଂ ପାଇଁ ବାଲେଶ୍ୱରରେ ଆବେଦନ କରୁଥିଲେ। ୧୯୯୧ରେ ମୁର୍ଗାବାଡ଼ି ଗୋଲେଇ ନିକଟରେ ଏହି କାର୍ଯ୍ୟାଳୟ ଆରମ୍ଭ ହେଲା। ସହରବାସୀ ପାଖରେ ସୁବିଧା ପାଇ ଉପକୃତ ହେଲେ। କାର୍ଯ୍ୟାଳୟରେ ଜମିର କିସମ ପରିବର୍ତ୍ତନ ଓ ଗୃହ ନିର୍ମାଣ ପାଇଁ ନକ୍ସାର ଅନୁମୋଦିତ କାର୍ଯ୍ୟ ହୋଇଥାଏ। ଜୁନ୍ ୩୦ରେ ସ୍ୱତନ୍ତ୍ର ଯୋଜନା କର୍ତ୍ତୃପକ୍ଷ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ବିଜୟ କୁମାର ଭୂୟାଁ ଅବସର ନେଇଥିଲେ। ୮ ମାସ ବିତି ଯାଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ଗୃହ ଓ ନଗର ଉନ୍ନୟନ ବିଭାଗ ଏଠାରେ ଆଉ କାହାକୁ ନିଯୁକ୍ତି ଦେଇ ନାହିଁ। ଜମିର କିସମ ପରିବର୍ତ୍ତନ ପାଇଁ ୮୦୦ରୁ ଅଧିକ ଜଣ ଆବେଦନ କରିଥିବା ବେଳେ ଗୃହ ନିର୍ମାଣ ପାଇଁ ଆବଶ୍ୟକ ନକ୍ସା ଅନୁମୋଦନ ଲାଗି ୫୦୦ରୁ ଊର୍ଦ୍ଧ୍ୱ ଆବେଦନ ପଡ଼ିରହିଛି। ଅଧିକାରୀ ନ ଥିବା ଯୋଗୁଁ ଫାଇଲ ଘୁଞ୍ଚୁ ନାହିଁ। ଫଳରେ ସବୁ ଆବେଦନପତ୍ର ବିଡ଼ା ବନ୍ଧା ହୋଇ କାର୍ଯ୍ୟାଳୟରେ ପଡ଼ି ରହିଛି। ପ୍ରତିଦିନ କାର୍ଯ୍ୟାଳୟକୁ ଲୋକ ଆସୁଥିବା ବେଳେ ଅଧିକାରୀ ନ ଥିବା ଯୋଗୁଁ ଅସନ୍ତୋଷ ବ୍ୟକ୍ତ କରି ଫେରି ଯାଉଛନ୍ତି। ସେହିଭଳି ବ୍ୟାଙ୍କରୁ ଲୋନ ପାଇଁ ଆବେଦନ କରିଥିବା ବ୍ୟକ୍ତିମାନଙ୍କ ନକ୍ସା ମଞ୍ଜୁର ହେଲା କି ନାହିଁ ବ୍ୟାଙ୍କ୍ କର୍ମଚାରୀମାନେ ମଧ ଯାଇ ପଚାରି ବୁଝି ଫେରୁ ଆସୁଛନ୍ତି। କେବଳ ଏତିକିରେ ସରିନାହିଁ, ଅଧିକାରୀ ନ ଥିବା ଯୋଗୁଁ ୮ ମାସ ହେଲାଣି ଉକ୍ତ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଦରମା ମଧ ପାଇନାହାନ୍ତି। କର୍ମଚାରୀମାନେ ଅସନ୍ତୋଷ ପ୍ରକାଶ କରୁଥିଲେ ମଧ ଅନ୍ୟୋପାୟ ନ ଥିବାରୁ କାର୍ଯ୍ୟାଳୟରେ ବସି ବସି ଘରକୁ ଯାଉଛନ୍ତି। ୧୯୮୪ ରୁ ୨୦୧୯ ( ଜୁନ୍ ମାସ ସୁଦ୍ଧା) ୭୮୪୨ଟି ଘର କରିବା ପାଇଁ ମଞ୍ଜୁର କରାଯାଇଥିବା କାର୍ଯ୍ୟାଳୟରୁ ସୂଚନା ମିଳିଛି। ଲୋକଙ୍କୁ ୫-ଟି ସେବା ଯୋଗାଇ ଦିଆଯାଉଥିବା ନେଇ ସରକାର ଡିଣ୍ଡିମ ପିଟୁଥିବା ବେଳେ ସହରବାସୀଙ୍କ ପାଇଁ ଏହା କେଉଁ ପ୍ରକାର ସେବା ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ଏ ଦିଗରେ ଗୃହ ଓ ନଗର ଉନ୍ନୟନ ବିଭାଗ ଦୃଷ୍ଟି ଦେଇ ଏହାର ସମାଧାନ କରିବାକୁ ସହର ତଥା ଜିଲାବାସୀ ଦାବି କରିଛନ୍ତି।



ମୁର୍ଗାବାଡ଼ି ଗୋଲେଇ ନିକଟସ୍ଥ ସହର ଯୋଜନା ଶାଖା କାର୍ଯ୍ୟାଳୟ ।

**ବର୍ଷ ଅନୁଯାୟୀ ମଞ୍ଜୁର ହୋଇଥିବା ଘର**

| ବର୍ଷ ଘର | ବର୍ଷ ଘର | ବର୍ଷ ଘର | ବର୍ଷ ଘର |
|---|---|---|---|
| ୧୯୮୪- ୧୨୨ | ୧୯୯୩- ୧୮୯ | ୨୦୦୨-୨୨୬ | ୨୦୧୧-୩୬୫ |
| ୧୯୮୫-୯୬ | ୧୯୯୪-୧୧୯ | ୨୦୦୩-୨୯୧ | ୨୦୧୨- ୪୦୯ |
| ୧୯୮୬-୯୫ | ୧୯୯୫- ୧୯୭ | ୨୦୦୪-୧୫୭ | ୨୦୧୩-୩୫୧ |
| ୧୯୮୭-୧୦୩ | ୧୯୯୬-୨୦୧ | ୨୦୦୫-୧୯୨ | ୨୦୧୪-୩୭୫ |
| ୧୯୮୮- ୧୧୪ | ୧୯୯୭-୧୭୭ | ୨୦୦୬-୧୯୫ | ୨୦୧୫-୨୩୫ |
| ୧୯୮୯-୧୧୭ | ୧୯୯୮- ୧୫୫ | ୨୦୦୭- ୧୬୦ | ୨୦୧୬-୩୪୫ |
| ୧୯୯୦-୧୩୪ | ୧୯୯୯- ୧୭୨ | ୨୦୦୮- ୨୨୯ | ୨୦୧୭-୩୬୬ |
| ୧୯୯୧- ୧୮୯ | ୨୦୦୦- ୧୯୮ | ୨୦୦୯- ୩୨୨ | ୨୦୧୮- ୨୩୨ |
| ୧୯୯୨- ୧୯୯ | ୨୦୦୧-୨୩୭ | ୨୦୧୦-୩୫୯ | ୨୦୧୯-୨୧୯ (ଜୁନ୍ ମାସ ସୁଦ୍ଧା) |

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପାଚିଲା ବାଳରେ ମହଣ**
**ବୁଢ଼ୀ ଚହଟ ଦେଖିବ କଅଣ ?**

ସୌନ୍ଦର୍ଯ୍ୟ ପ୍ରତି ନାରୀ ମନରେ ରହିଥାଏ ଅହେତୁକ ଦୁର୍ବଳତା। ବୟସ ଯେତେ ବଢ଼ି ବଢ଼ି ଯାଉଥିଲେ ମଧ ସୌନ୍ଦର୍ଯ୍ୟକୁ ନେଇ ନାରୀ ମନରେ ରହିଥିବା ଆଗ୍ରହ କେବେ କମି ପାରି ନ ଥାଏ। ଉତ୍ତୀର୍ଣ୍ଣ ବୟସରେ ଉପନୀତ ହୋଇଥିବା ମହିଳାଙ୍କ ସାଜସଜ୍ଜା ପ୍ରତି ରହିଥିବା ସଉକକୁ ଦୃଷ୍ଟିରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ପାଟହାତୀ ଚାଲେ ଝୁଲି**
**ଥିର ପାଣି ସିନା ପଥର କାଟେ ଲୋ**
**ତୂନୀ ଯେ ମୁନିଠୁଁ ବଳି ।**

ଧୈର୍ଯ୍ୟର ସହିତ କାର୍ଯ୍ୟ କଲେ ଅସାଧ୍ୟ ସାଧନ କରାଯାଇପାରେ ବା କାର୍ଯ୍ୟ ସଫଳ ହୋଇଥାଏ। ଧୀରସ୍ଥିର ଚିତ୍ତବିନା ସଫଳତା ପ୍ରାପ୍ତି ଅସମ୍ଭବ। ସେହିପରି ମୌନ ରହୁଥିବା ଲୋକ ମୁନିଠାରୁ ମଧ ବଡ଼ ବିବେଚିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ମୋ ସରକାର ସମ୍ପର୍କ ଶିବିର



ବୈଠକରେ ଯୋଗ ଦେଇଥିବା ଅଧିକାରୀମାନେ।

ଚିତ୍ରଡା,୨୫।୨(ଡ଼ି.ଏନ୍.ଏ.)

ମୋରଡା ବ୍ଲକସ୍ତରୀୟ ମୋ ସରକାର ସମ୍ପର୍କ ଶିବିର ଜିଲା ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ମଙ୍ଗଳବାର ଚିତ୍ରଡା ଜଗନ୍ନାଥ ମନ୍ଦିର ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ବାରିପଦା ପିଏ ଆଇଟିଡିଏ ବିଜୟ କୁମାର ଥମ୍ବ ସଭାପତିତ୍ୱ କରିଥିଲେ। ବୈଠକରେ ଲୋଧା ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ମହେଶ ପ୍ରସାଦ ମିଶ୍ର, ମୋରଡ଼ା ବିଡ଼ିଓ ପ୍ରିୟବ୍ରତ ପାଢ଼ୀ, ପଞ୍ଚାୟତ ସମିତି ଅଧକ୍ଷ ସାଲତୀ ମୁର୍ମୁ ପ୍ରମୁଖ ମଞ୍ଚାସୀନ ରହି ନିଜ ନିଜର ବିଭାଗ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଏହା ବ୍ୟତୀତ ଓଡ଼ିଶା ଲିଭ୍ଲିହୁଡ଼ ଫେଡେରେଶନର ମୋରଡା ବ୍ଲକ ସଭାପତି ବିଷ୍ଣୁପ୍ରିୟା ଦାସ, ମୋରଡା କୃଷି, ମତ୍ସ୍ୟ, ସ୍ୱାସ୍ଥ୍ୟ, ହର୍ଟିକଲଚର ବିଭାଗ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ସଂସ୍ଥାର ଅଧିକାରୀମାନେ ମଞ୍ଚ ଉପରକୁ ଆସି ନିଜ ନିଜର ବିଭାଗ ବିଷୟରେ ସୂଚନା ଦେଇଥିଲେ। ମୋରଡା ମଙ୍ଗଳ ଅଧିକାରୀ ଅଜୟ କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା, ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଉନ୍ନତ ସ୍ୱାସ୍ଥ୍ୟସେବା ନେଇ ଭଞ୍ଜସେନାର ଦାବିପତ୍ର

ବାରିପଦା ଅଫିସ, ୨୫।୨

ଜିଲାରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭଞ୍ଜସେନା ପକ୍ଷରୁ ୨ ଦଫା ଦାବି ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବାମନଘାଟୀ ଉପଖଣ୍ଡ ମୁଖ୍ୟ ରାଇରଙ୍ଗପୁର ହସ୍ପିଟାଲ, ପଞ୍ଚପୀଢ଼ ଉପଖଣ୍ଡ ମୁଖ୍ୟ କରଞ୍ଜିଆ ହସ୍ପିଟାଲ୍ ଓ କପ୍ତିପଦା ଉପଖଣ୍ଡ ମୁଖ୍ୟ ଉଦଳା ହସ୍ପିଟାଲ୍‌ରେ ଯଥାଶୀଘ୍ର ଭେଷଜ, ଶଲ୍ୟ, ଶିଶୁ, ମହିଳା ପ୍ରସୂତି ଓ ନିଶ୍ଚେତକ ବିଶେଷଜ୍ଞଙ୍କ ସହିତ ଖାଲିଥିବା ଅନ୍ୟାନ୍ୟ ପଦବୀ ତୁରନ୍ତ ପୂରଣ କରିବା, ପ୍ରତ୍ୟେକ ଉପଖଣ୍ଡ ମୁଖ୍ୟ ହସ୍ପିଟାଲରେ ଉନ୍ନତମାନର ଅପରେଶନ ଥିଏଟର ଏବଂ ଅଭାବ ପଦବୀ ପୂରଣ କରିବା, ଜିଲାର ସର୍ବମୋଟ ୨୬ଟି ବ୍ଲକରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ଯଥା ଶୀଘ୍ର ସ୍ଥାୟୀ ଭେଷଜ ବିଶେଷଜ୍ଞ, ଶିଶୁରୋଗ ବିଶେଷଜ୍ଞ, ଶଲ୍ୟ ବିଶେଷଜ୍ଞ ପଦ ପୂରଣ କରିବା ନିମନ୍ତେ ଦାବିପତ୍ର ପ୍ରଦାନ କରିଥିଲେ। ମୟୂରଭଞ୍ଜ ଜିଲାରେ ବହୁ ପ୍ରତୀକ୍ଷିତ ସରକାରୀ ମେଡ଼ିକାଲ୍ କଲେଜ ପ୍ରତିଷ୍ଠା ହେଲା ପରେ ମଧ ଜିଲାବାସୀ ଅଦ୍ୟାବଧି ଉନ୍ନତ ସ୍ୱାସ୍ଥସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଆସନ୍ତା ୧ ମାସ ମଧରେ ଜିଲାରେ ଖାଲି ପଡ଼ିଥିବା ବିଶେଷଜ୍ଞ ଏବଂ କର୍ମଚାରୀ ପଦବୀଗୁଡ଼ିକ ପୂରଣ କରି ଏହି ଜିଲାରେ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ସେନା ପକ୍ଷରୁ ଦାବି କରାଯାଇଛି। ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଭଞ୍ଜସେନାର କର୍ମକର୍ତ୍ତାମାନେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ରୂପଭାନୁ ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧରେ ସମ୍ପାଦକ ରାକେଶ ମହାନ୍ତି, ସହର ସଭାପତି ସୌମ୍ୟରଞ୍ଜନ ମିଶ୍ର, ଉପସଭାପତି ଏସ୍‌କେ ରାଜା ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ।


ଭଞ୍ଜସେନା ପକ୍ଷରୁ ସିଡିଏମ୍‌ଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ସମବାୟ ପରିଚାଳନା କେନ୍ଦ୍ର ପକ୍ଷରୁ ସଚେତନତା

ବାରିପଦା ଅଫିସ, ୨୫।୨

ବାରିପଦା ସମବାୟ ପରିଚାଳନା କେନ୍ଦ୍ର ପକ୍ଷରୁ ଜିଲାସ୍ତରୀୟ କୃଷି ସମବାୟ ସମିତି ସଭ୍ୟା ଓ ସଭ୍ୟମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏଶନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମବାୟ ସମିତିରେ ସଭ୍ୟା ସଭ୍ୟମାନଙ୍କ ନିଜର କର୍ତ୍ତବ୍ୟ ଓ ଅଧିକାର ପ୍ରତି ସଚେତନ ରହି ସମିତିକୁ କିପରି ଅଗ୍ରଣୀ ସମିତିରେ ପରିଣତ କରିବେ ସେ ନେଇ ପରାମର୍ଶ ଦିଆଯାଇଥିଲା। ରାଜ୍ୟ ସମବାୟ ସଂଘ ନିର୍ଦ୍ଦେଶକ ସୁବ୍ରମଣ୍ୟମ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସମବାୟ ସଂଘର ସଭାପତି ଦେବୀଦତ୍ତ ଦାସ ମଞ୍ଚାସୀନ ଅତିଥିଭାବେ ଯୋଗ ଦେଇଥିବାବେଳେ ଉପନିବନ୍ଧକ ସମବାୟ ସମିତି ସମୂହ ଦମୟନ୍ତୀ ସିଂ, ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ସମ୍ପାଦକ ପ୍ରକାଶ ଚନ୍ଦ୍ର ବାରିକ, ସଭାପତି ରାଜକିଶୋର ଆଚାର୍ଯ୍ୟ, ରାଜ୍ୟ ସମବାୟ ସଂଘର ନିର୍ଦ୍ଦେଶକ ମାନସ କୁମାର ଜେନା, ଉପସଭାନେତ୍ରୀ ଦ୍ରୌପଦୀ ସାହୁ, ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ଉପସଭାନେତ୍ରୀ ଜସ୍ମିନ ମାଝି, ନିର୍ଦ୍ଦେଶକ ଅଭିନ୍ନ ସୁନ୍ଦର ପାତ୍ର, ଶିବନାରାୟଣ କିସ୍କୁ, ମୋହନ ବେହେରା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ବାରିପଦା ସମବାୟ ପରିଚାଳନା କେନ୍ଦ୍ରର ଅଧକ୍ଷା ପାର୍ବତୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବିଶୋଇ,୨୫।୨(ଡ଼ି.ଏନ୍.ଏ.)

ଜିଲା ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ବିଶୋଇ ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଉଦ୍‌ଯାପିତ ହୋଇଯାଇଛି। ବ୍ଲକ ଅଧୀନ ୧୩ଟି ପଞ୍ଚାୟତର ମୋଟ ୪୭୩ ଜଣ ଦିବ୍ୟାଙ୍ଗ ଶିବିରରେ ନାମ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ଅସ୍ଥିଶଲ୍ୟ ବିଭାଗରେ ୩୩୪, ଦୃଷ୍ଟିଶକ୍ତି ବିଭାଗରେ ୮୦, ମାନସିକ ଅନଗ୍ରସର ବିଭାଗରେ ୨୭, ମାନସିକ ବିକୃତ ବିଭାଗର ୧୧ ଏବଂ ଶ୍ରବଣ ଶକ୍ତି ବିଭାଗରେ ୨୧ ଜଣ ଦିବ୍ୟାଙ୍ଗ ପଞ୍ଜୀକରଣ କରିଥିଲେ। ଶିବିରରେ ଜିଲା ମୁଖ୍ୟ ଚିକିତ୍ସାଳୟ ପିଆରଏମ ମେଡିକାଲ ଓ ରାଇରଙ୍ଗପୁର ଏସଡିଏଚରୁ ଚକ୍ଷୁ ବିଶେଷଜ୍ଞ ଡା. ପ୍ରତାପ ଚନ୍ଦ୍ର ମହାନ୍ତ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ମୋହନ ଚରଣ ମୁର୍ମୁ, ଭେଷଜ ବିଭାଗ ବିଶେଷଜ୍ଞ ଡାକ୍ତର ରିତା ଟୁଡୁ, ଇଏନଟି ବିଶେଷଜ୍ଞ ଡା. ମାନସ ରଞ୍ଜନ ଶତପଥୀଙ୍କ ସମେତ ପାରାମେଡିକାଲ ବିଭାଗର ଏମ୍‌ଆରଏ ଲକ୍ଷ୍ମୀଧର ପଣ୍ଡା, ବୁଦ୍ଧେଶ୍ୱର ସୋରେନ, ବିପିନ ବେହେରା, ରାମେଶ୍ୱର ପୁଥାଲ, ତପନ କୁମାର ଦଳବେହେରା, ପ୍ରଶାନ୍ତ ନାଏକ, ଚନ୍ଦ୍ରଶେଖର ନାଏକ, ମାନସ ରଞ୍ଜନ ନାଏକ, ପ୍ରବୀଣା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ବିଡ଼ିଓ ତ୍ରିନାଥ ମାଝିଙ୍କ ତତ୍ତ୍ୱାବଧାନରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରୂପେଶ କୁମାର ନାଏକ ଶିବିରକୁ ପରିଚାଳନା କରିଥିଲେ। ବ୍ଲକ ଶିକ୍ଷା ବିଭାଗ, ସମନ୍ୱିତ ଶିଶୁ ବିକାଶ ବିଭାଗ, ତହସିଲର ସମସ୍ତ କର୍ମଚାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ବ୍ଲକର ସମସ୍ତ ପିଆରଆଇ ସଦସ୍ୟ ଉପସ୍ଥିତ ଥିଲେ ।

# ଟସର ଚାଷୀଙ୍କ କ୍ଷେତ୍ର ପରିଭ୍ରମଣ

ଠାକୁରମୁଣ୍ଡା,୨୫।୨(ଡ଼ି.ଏନ୍.ଏ.)

ଠାକୁରମୁଣ୍ଡା ବ୍ଲକର ୨୦ ଜଣ ମହିଳା ଟସର ଚାଷୀଙ୍କୁ ଆଞ୍ଚଳିକ ରେଶମ ଗବେଷଣା କେନ୍ଦ୍ର ବାରିପଦା ଆନୁକୂଲ୍ୟରେ କ୍ଷେତ୍ର ପରିଦର୍ଶନ ସୁବିଧା ଯୋଗାଇ ଦିଆଯାଇଛି। ଠାକୁରମୁଣ୍ଡା ବ୍ଲକ ପୁରୁଣାପାଣି ଓ ମିଟୁଆଣି ଗ୍ରାମର ଏହି ମହିଳାମାନେ ମଙ୍ଗଳବାର ହରିଚନ୍ଦନପୁର ବ୍ଲକର ଭଗାମୁଣ୍ଡାସ୍ଥିତ ସିଲ୍କ ପାର୍କକୁ ବୁଲି ଦେଖିଛନ୍ତି। ଏଥିସହିତ ଗୋପାଳପୁରରେ ବିଭିନ୍ନ ସମବାୟ ସମିତି ବୁଲି ସେମାନଙ୍କ କାମ ଅନୁଧ୍ୟାନ କରିଥିଲେ । ଉଭୟ ସ୍ଥାନ ବୁଲିବା ପରେ ଆଗାମୀ ଦିନରେ ସେଭଳିସ୍ତରକୁ ଆସିବା ପାଇଁ ଦିଗଦର୍ଶନ ମିଳିଲା ବୋଲି ଅଂଶଗ୍ରହଣକାରୀ ପ୍ରକାଶ କରିଛନ୍ତି । ଏହି ମହିଳାମାନେ ପୂର୍ବରୁ ନାବାର୍ଡ ଓ କେନ୍ଦ୍ରୀୟ ରେଶମ ବୋର୍ଡ ଦ୍ୱାରା ସୂତାକଟା ତାଲିମ ପାଇଥିବାରୁ କ୍ଷେତ୍ର ଭ୍ରମଣ ସେମାନଙ୍କୁ ବେଶ ସହାୟକ ହେବ ବୋଲି ମହିଳା ଚାଷୀ ଶାନ୍ତି ଗାଗରାଇ କହିଛନ୍ତି। ଭ୍ରମଣ ସମୟରେ ଆଞ୍ଚଳିକ ରେଶମ ବୋର୍ଡର ବରିଷ୍ଠ ବୈଜ୍ଞାନିକ ଡ. ପ୍ରଶାନ୍ତ କୁମାର କର, ଚପଳାକାନ୍ତ ଦଣ୍ଡପାଟ, କ୍ଷୀରୋଦ ବେହେରା, କେନ୍ଦ୍ରୀୟ ରେଶମ ବୋର୍ଡ କଟକର ବୈଷୟିକ ସହାୟକ ରବି ନାରାୟଣ ମିଶ୍ର, ଆରଆରଡିଓର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମନୋଜ ଜେନା, ନମିତା ରାଉତ ପ୍ରମୁଖ ଦିଗଦର୍ଶନ ପ୍ରଦାନ କରିଥିଲେ ।

# ବନ ବିଭାଗ ଉପଦେଷ୍ଟା କମିଟି ବୈଠକ


ବୈଠକରେ ଯୋଗ ଦେଇଥିବା ବିଭିନ୍ନ ବିଭାଗର ଅଧିକାରୀମାନେ।

ବାଙ୍ଗିରିପୋଷି,୨୫।୨(ଡ଼ି.ଏନ୍.ଏ.)

ବାଙ୍ଗିରିପୋଷି ବନାଞ୍ଚଳ ଅଧୀନ ବନ ବିଭାଗ ଉପଦେଷ୍ଟା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଙ୍ଗିରିପୋଷି ବ୍ଲକର ପଞ୍ଚାୟତିରାଜ, ପାନୀୟଜଳ, ଆଦିବାସୀ ଉନ୍ନୟନ, କୃଷି, ଉଦ୍ୟାନ, ମତ୍ସ୍ୟ ବିଭାଗର ଅଧିକାରୀମାନଙ୍କୁ ନେଇ ଏହି ଉପଦେଷ୍ଟା କମିଟି ଗଠନ କରାଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମଦାସ ଟୁଡୁ ଏହି କମିଟିର ଅଧକ୍ଷ ଥିବା ବେଳେ ବାଙ୍ଗିରିପୋଷି ବନାଞ୍ଚଳ ଅଧିକାରୀ ତପନ କୁମାର ଦାସ ଆବାହକ ରୂପେ କାର୍ଯ୍ୟ କରୁଛନ୍ତି। ସଭାରେ ଉପସ୍ଥିତ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ବାରିପଦା ବନଖଣ୍ଡ ତରଫରୁ ଆସିଥିବା ବସ୍ତୁ ବିଶେଷ ବିଶେଷଜ୍ଞ କୈଳାସ ଚନ୍ଦ୍ର ଦାସ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଏବଂ ପଞ୍ଚାୟତ ସମିତି ସ୍ତରରେ ଉପଦେଷ୍ଟା କମିଟିର ଭୂମିକା ବିଷୟରେ ଅବଗତ କରାଇଥିଲେ। ଏହା ସହ ଗ୍ରାମ ସ୍ତରରେ ଅଣୁ ଯୋଜନା ମାଧ୍ୟମରେ ୨୦୧୯-୨୦ ବର୍ଷ ପାଇଁ ପୂର୍ବରୁ ପ୍ରସ୍ତୁତ କରାଯାଇଥିବା କାର୍ଯ୍ୟ ଖସଡାର ଆଲୋଚନା ବାଙ୍ଗିରିପୋଷି ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପରେ କାର୍ଯ୍ୟରତ କ୍ଷେତ୍ର ସଂଯୋଜକ ଆଶିଷ କୁମାର ସାହୁ ପାଠ କରିଥିଲେ।

# ପକ୍କାଘର ତାଲିକାରୁ ବାଦ୍ ପଡ଼ିଲେ ହିତାଧିକାରୀ

ବେତନଟୀ,୨୫।୨(ଡ଼ି.ଏନ୍.ଏ.)

ବେତନଟୀ ବ୍ଲକ ଅଧୀନ ଆଗ୍ରିଆ ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଗରିବ ଲୋକମାନଙ୍କୁ ପକ୍କା ଘର ବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏନେଇ ପଞ୍ଚାୟତର ଅଧିବାସୀମାନେ ମିଳିତ ଭାବେ ଏକ ବୈଠକ କରି ସୋମବାର ବେତନଟୀ ବିଡ଼ିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସରକାରଙ୍କ ପକ୍ଷରୁ ବିଜୁ ପକ୍କା ଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସରକାରଙ୍କ ତାଲିକା ଅନୁସାରେ ଦିଆଯିବାର ବ୍ୟବସ୍ଥା ରହିଛି। ୨୦୧୧ ସାମାଜିକ ଅର୍ଥନୈତିକ ଜାତିଗତ ଜନଗଣନା ସମେତ ପରବର୍ତ୍ତୀ ସମୟରେ ସଂଯୋଗୀକରଣ ତାଲିକାରେ ନୂଆ ହିତାଧିକାରୀମାନଙ୍କ ନାମ ସ୍ଥାନ ପାଉଛି। ଏହି ନୂତନ ତାଲିକାରେ ଆଗ୍ରିଆ ପଞ୍ଚାୟତର ବଡ଼ଛୁରୁଣୀ, ଆଗ୍ରୀଆ,ଦୁର୍ଗାପୁର, କିଶୋରୀପୁର,ବିରଳା ଗ୍ରାମରୁ ଘର ପାଇ ନ ଥିବା ହିତାଧିକାରୀମାନେ ଆବେଦନ କରିଥିଲେ। ଆବେଦନ ପରେ ପ୍ରକାଶିତ ତାଲିକାରେ ସେମାନଙ୍କ ନାମ ବାଦ ଦିଆଯାଇଥିବା ବିଡ଼ିଓଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। ଅପର ପକ୍ଷରେ ବିଗତ ଏକ ବର୍ଷରୁ ସାତ ବର୍ଷ ମଧରେ ଯେଉଁ ହିତାଧିକାରୀମାନେ ଏହି ଯୋଜନାରେ ଘର ପାଇସାରିଛନ୍ତି ସେମାନଙ୍କର ସ୍ତ୍ରୀ କିମ୍ବା ପୁଅଙ୍କ ନାମ ଦ୍ୱିତୀୟଥର ଘରପାଇବା ତାଲିକାରେ ରହିଛି। ଏଭଳିକି ୨୦ ବର୍ଷ ପୂର୍ବରୁ ଏହି ପଞ୍ଚାୟତର ଝିଅ ଅନ୍ୟ ଜିଲାକୁ ବାହା ହୋଇ ଯାଇଥିଲେ ମଧ ଏହି ତାଲିକାରେ ସେମାନଙ୍କ ନାମ ମଧ ସ୍ଥାନିତ ହୋଇଥିବା ତାଲିକାରୁ ବାଦ ପଡିଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତର ପୂର୍ବତନ ସରପଞ୍ଚ ତରଣୀ ସେନ ନାଏକ କୁହନ୍ତି, ଏ ବିଷୟରେ ସେ ଆଗ୍ରିଆ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଅଭିଯୋଗ କରି କେଉଁ କାରଣରୁ ନାମ ବାଦ ପଡ଼ିଲା ଲିଖିତ ସୂଚନା ସର୍ବ ସାଧାରଣରେ କାହିଁକି ଦିଆଗଲା ନାହିଁ ବୋଲି ପ୍ରଶ୍ନ କରିଛନ୍ତି। ଏନେଇ ଆଗ୍ରିଆ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଘନଶ୍ୟାମ ମହାନ୍ତଙ୍କୁ ପଚାରିବାରୁ ତଦନ୍ତ ପରେ ନାମ ବାଦ ପଡ଼ିଥିବ ଓ ବର୍ତ୍ତମାନ ମିଳିଥିବା ଅଭିଯୋଗ ସମ୍ପର୍କରେ ପୁନର୍ବାର ତଦନ୍ତ କରାଯିବ ବୋଲି କହିଛନ୍ତି।


ଗ୍ରାମବାସୀଙ୍କ ସହ ବାଦ୍ ପଡ଼ିଥିବା ହିତାଧିକାରୀ।

ଧରିତ୍ରୀ
DHARITRI
ବାଲେଶ୍ୱର, ବୁଧବାର, ୨୬ ଫେବୃୟାରୀ, ୨୦୨୦



## ସଂକ୍ଷେପରେ

### ଅଦିନିଆ ବର୍ଷା, ଜନଜୀବନ ବ୍ୟତିବ୍ୟସ୍ତ

କେନ୍ଦୁଝର, ୨୫।୨ (ସ୍ୱ.ପ୍ର.)- ଶୀତ କମି ଆସୁଥିବା ଓ ସାମାନ୍ୟ ଗରମ ଅନୁଭୂତ ହେଉଥିବା ବେଳେ ଅଦିନିଆ ବର୍ଷା ଜନଜୀବନକୁ ବ୍ୟତିବ୍ୟସ୍ତ କରିଦେଇଛି। ମଙ୍ଗଳବାର ବର୍ଷା ସାଙ୍ଗକୁ କୋହଲା ପାଗ ଯୋଗୁ ବିଭିନ୍ନ ଅଞ୍ଚଳରେ ରାସ୍ତାଘାଟ ଶୂନଶାନ ହୋଇପଡିଥିଲା । ବର୍ଷା ଯୋଗୁ ଅନେକ ଅଫିସରେ ମାନ୍ଦାବସ୍ଥା ଦେଖିବାକୁ ମିଳିଥିଲା। ଖଳାରେ ଥିବା ଧାନ ଫସଲ କ୍ଷତିଗ୍ରସ୍ତ ହୋଇପଡିଥିବା ବେଳେ ବିକ୍ରିବଟା ପାଇଁ ବାଡିବଗିଚାରୁ ତୋଳି ରଖିଥିବା ପନିପରିବା ନଷ୍ଟ ହୋଇଛି। ଫଳରେ ଚାଷୀ ମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ବଣପାହାଡ ଅଞ୍ଚଳରୁ ବନଜାତ ଦ୍ରବ୍ୟ, ପନିପରିବା ବିକି ଚଳୁଥିବା ବନବାସୀ ମାନେ ଅଦିନିଆ ବର୍ଷା ଯୋଗୁଁ ହାଟବଜାର ଯାଇପାରିନାହାନ୍ତି। ଯେଉଁମାନେ ଯାଇଛନ୍ତି ବର୍ଷାରେ ଭିଜି ଭିଜି ଗ୍ରାହକଙ୍କୁ ଅପେକ୍ଷା କରି ନିରାଶ ହୋଇ ଫେରିଛନ୍ତି । ଝିପ ଝିପ ବର୍ଷା ଯୋଗୁଁ ଗାଁ ଗଣ୍ଡାରେ ମାଟି ରାସ୍ତା କାଦୁଅ ହୋଇଯାଇଥିବା ବେଳେ ଖଣିଖାଦାନ ଅଞ୍ଚଳର ରାସ୍ତା ଗୁଡିକରେ ବହୁ ସଂଖ୍ୟାରେ ଟ୍ରକ ଚଳାଚଳ ଯୋଗୁଁ ଯାତାୟାତ ଶୋଚନୀୟ ହୋଇ ପଡିଛି । ପୁଣି ଥଣ୍ଡା ଫେରିଥିବାରୁ ଲୋକ ମାନେ ଧୋଇ ଓ ଶୁଖାଇ ବାକ୍ସରେ ସାଇତି ଦେଇଥିବା ଶୀତ କମ୍ବଳ ଓ ବସ୍ତ୍ର ସବୁକୁ ପୁଣି ବାହାର କରିବାକୁ ପଡିଛି ।

### ଜଣେ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ

ଯୋଡ଼ା, ୨୫।୨(ଡି.ଏନ.ଏ.)- ଯୋଡା ବ୍ଲକ ଅନ୍ତର୍ଗତ ବଲାଣି ପଞ୍ଚାୟତରେ ଆସନ୍ତା ମାର୍ଚ୍ଚ ମାସ ୨୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ସମିତିସଭ୍ୟ ଉପନିର୍ବାଚନ ପାଇଁ ସୋମବାର ନାମାଙ୍କନ ପତ୍ର ଦାଖଲ କରିବାର ଶେଷ ତାରିଖ ହୋଇଥିବା ବେଳେ ଜଣେ ମାତ୍ର ପ୍ରାର୍ଥୀ ନାମାଙ୍କନ ପାତ୍ର ଦାଖଲ କରିଛନ୍ତି। ନାମାଙ୍କନ ପତ୍ର ଦାଖଲ କରିଥିବା ପ୍ରାର୍ଥୀଙ୍କ ନାମ ବିନୋଦ କୁମାର ମହାକୁଡ । ବଲାଣୀ ପଞ୍ଚାୟତର ସମିତି ସଭ୍ୟ ଦିଲୀପ କୁମାର ଆପଟ କୌଣସି କାରଣରୁ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। ଏହା ପରେ ସରକାରଙ୍କ ପକ୍ଷରୁ ଆସନ୍ତା ମାର୍ଚ୍ଚ ମାସ ୨୦ ତାରିଖରେ ଏହାର ଉପନିର୍ବାଚନ ଅନୁଷ୍ଠିତ ହେବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା ବୋଲି ଯୋଡା ବିଡିଓ ଯୋଗେଶ୍ୱର ନାଏକ କହିଛନ୍ତି।

### ଚୋରି ବାଇକ୍ ଉଦ୍ଧାର, ଅଭିଯୁକ୍ତ ଗିରଫ

ଯୋଡ଼ା, ୨୫।୨(ଡି.ଏନ.ଏ.)- କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ସିରାଜୁଦ୍ଦିନ୍ ଖଣି ସମ୍ମୁଖରେ ଥିବା ଜଳଖିଆ ଦୋକାନରୁ ଚୋରି ହୋଇଯାଇଥିବା ଏକ ବାଇକ୍‌କୁ ପୋଲିସ ସୋମବାର ଉଦ୍ଧାର କରିବା ସହିତ ଏଥିରେ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ବାମେବାରୀ ଥାନା ଓଆଇସି ଅମିତାଭ୍ ଦାସଙ୍କ ସୂଚନାନୁଯାୟୀ ତା୨୮।୧୦।୨୦୧୯ରିଖରେ ପ୍ରଶାନ୍ତ ଗିରିଙ୍କର ଜଳଖିଆ ଦୋକାନ ସମ୍ମୁଖରେ ଠିଆ ହୋଇଥିବା ଏକ ବାଇକ୍ ଚୋରି ହୋଇଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି ପୋଲିସ ତଦନ୍ତ ଜାରି ରଖିଥିଲା। ଗତ ସୋମବାର ସକାଳ ସମୟରେ ପୋଲିସ ଉକ୍ତ ବାଇକ୍‌କୁ ଉଦ୍ଧାର କରିବା ସହିତ ଏଥିରେ ସଂପୃକ୍ତ ଥିବା ଅଭିଯୁକ୍ତ ଅର୍ଜୁନ ସିଂ ମୁଣ୍ଡାଙ୍କୁ ଗିରଫ କରିଥିବା ପୋଲିସ ସୂଚନା ଦେଇଛି ।

### ଦ୍ୱିତୀୟ ଦିନରେ ଚାଷୀଙ୍କ ଧାରଣା

ତେଲକୋଇ, ୨୫।୨(ଡି.ଏନ.ଏ.)- ତେଲକୋଇ ମୁଖ୍ୟାଳୟରେ ସମବାୟ ସମିତି ଗେଟରେ ତାଲା ପକାଇ ସୋମବାର ଠାରୁ ଧାରଣା ଦେଇଛନ୍ତି। ତେବେ ବ୍ଲକ ଯୋଗାଣ ଅଧିକାରୀଙ୍କ ସହିତ ଆଲୋଚନା ସଫଳ ନ ହେବାରୁ ଚାଷୀ ମାନେ ଏହି ଧାରଣାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କରିବାକୁ ଚାଷୀଙ୍କ ପକ୍ଷରୁ କୁହାଯାଇଛି। ଏପରିସ୍ଥଳେ ପ୍ରବଳ ବର୍ଷା ଲାଗି ରହିଥିବା ବେଳେ ଚାଷୀ ମାନେ ଦାବି ପୂରଣ ପାଇଁ ଜିଦ୍‌ରେ ରହିଛନ୍ତି। ଚାଷୀଙ୍କୁ ତୁରନ୍ତ ଟୋକନ ବ୍ୟବସ୍ଥା କରାଯାଉ, ବେପାରୀଙ୍କ ଠାରୁ ଧାନ କ୍ରୟ ନ କରି ପ୍ରକୃତ ଚାଷୀଙ୍କ ଠାରୁ ଧାନ କ୍ରୟ, ମାର୍ଚ୍ଚ ଶେଷ ସୁଦ୍ଧା ସମସ୍ତ ଚାଷୀଙ୍କ ଠାରୁ ଧାନ କ୍ରୟ ଶେଷ କରାଯାଉ ଆଦି ଦାବି ନେଇ ଧାରଣା କରାଯାଇଛି। ସ୍ଥାନୀୟ ବିଡିଓ ଦିଲୀପ କୁମାର ବାରାଙ୍କୁ ପଚାରିବାରୁ ଏସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇଛି। ତୁରନ୍ତ ଏହାର ସମାଧାନ ହେବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ଅଡୁଆରେ ଟମାଟୋ ଚାଷୀ

- ଦାଉ ସାଜୁଛି ଅଦିନିଆ ବର୍ଷା
- ମିଳୁନି ଉଚିତ ପ୍ରୋତ୍ସାହନ
- ସଂରକ୍ଷଣ ଲାଗି ନାହିଁ ଶୀତଳଭଣ୍ଡାର
- କିଣିବାକୁ ନାହାନ୍ତି ଗ୍ରାହକ, ବେପାରୀ

କେନ୍ଦୁଝର, ୨୫।୨(ସ୍ୱ.ପ୍ର.)

ଚାଷକୁ ପ୍ରୋତ୍ସାହନ ମିଳୁଥିବା ବେଳେ ଚାଷୀଙ୍କୁ ପ୍ରୋତ୍ସାହନ ମିଳୁନାହିଁ। ଫଳରେ ଅନେକ ସମୟରେ ଅଧିକ ଉତ୍ପାଦନ କରି ଚାଷୀ ଅଡୁଆରେ ପଡୁଛନ୍ତି। ଏଭଳି ଅଡୁଆରେ ସଦର ବ୍ଲକର ରାଇସୁଆଁ, ପଦ୍ମପୁର, ନୂଆଗାଁ ଆଦି ପଞ୍ଚାୟତର ଚାଷୀ ମାନେ ପଡିଯାଇଛନ୍ତି । ଏହି ଅଞ୍ଚଳର ଚାଷୀମାନେ ଚାଷ କରି ପନିପରିବା କେନ୍ଦୁଝର ସହର ତଥା ଆଖପାଖ ଅଞ୍ଚଳକୁ ଯୋଗାଇଦେଇଥାନ୍ତି। ପ୍ରତ୍ୟେକ ବର୍ଷ ପ୍ରଚୁର ପରିମାଣରେ ବିଲାତି ଚାଷ କରୁଥିଲେ ହେଁ ବିକ୍ରିବଟା ବା ସଂରକ୍ଷଣର କୌଣସି ବ୍ୟବସ୍ଥା ନ ଥିବାରୁ କ୍ଷତିଗ୍ରସ୍ତ ହେଉଛନ୍ତି। ଉପଯୁକ୍ତ ପ୍ରୋତ୍ସାହନ ଅଭାବରୁ ପନିପରିବାର ଉଚିତ ମୂଲ୍ୟ ପାଉନାହାନ୍ତି। ସଂରକ୍ଷଣ ପାଇଁ ଶୀତଳ ଭଣ୍ଡାର ନାହିଁ । ଏଣୁ ବହୁ ପରିମାଣରେ ବିଲାତି ଅନେକ ସମୟରେ ବିକି ନ ପାରି ପଚିଯାଇ ନଷ୍ଟ ହେଉଥିବାରୁ ଚାଷୀମାନେ ଚିନ୍ତାରେ ରହୁଛନ୍ତି। ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ପ୍ରତ୍ୟେକ ବର୍ଷ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳୁଛି କିନ୍ତୁ ଅଦ୍ୟାବଧି ପ୍ରତିଷ୍ଠା ହୋଇନାହିଁ। ସେହିପରି ଅଭାବୀ ବିକ୍ରି ନେଇ ଆନ୍ଦୋଳନକୁ ଓହ୍ଲାଇଲେ ପ୍ରଶାସନ ତତ୍ପରତା ଦେଖାଇ ବିକିବା ପାଇଁ ବ୍ୟବସ୍ଥା ଗ୍ରହଣ କରେ ।



ଚାଷୀମାନେ ଟମାଟୋ ବିକିବା ଲାଗି ଗ୍ରାହକଙ୍କ ଅପେକ୍ଷାରେ।

କିନ୍ତୁ ସ୍ଥାୟୀ ବ୍ୟବସ୍ଥା କରାଯାଉ ନ ଥିବାରୁ ଅସନ୍ତୋଷ ବଢୁଛି।

ଅନ୍ୟପକ୍ଷେ ଅଦିନିଆ ବର୍ଷା ଯୋଗୁ ବିଲାତିଗୁଡ଼ିକ ଜମିରେ ପଡି ପଡି ନଷ୍ଟ ହେଉଛି। ସେହିପରି ବଜାରରେ ବେପାରୀ ବା ଗ୍ରାହକ ଅପେକ୍ଷା କରି ନିରାଶ ହୋଇ ଫେରୁଛନ୍ତି। ଜିଲାରେ ସରକାରଙ୍କ ଦ୍ୱାରା ବହୁ ହଷ୍ଟେଲ ଚାଲୁଥିଲେ ହେଁ ସେସବୁ ପାଇଁ ପ୍ରଶାସନ ବିଲାତି କିଣି ଯୋଗାଇବା ପାଇଁ ବ୍ୟବସ୍ଥା କରୁ ନ ଥିବା ଏବଂ ବାହାରୁ ବେପାରୀ ଆସୁ ନ ଥିବାରୁ ବାହାରକୁ ଚାଲାଣ ହୋଇପାରୁ ନାହିଁ। ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅଭାବୀ ବିକ୍ରି ଓ ନଷ୍ଟ ହେବା ଆଶଙ୍କା କରି ଚାଷୀ ଚିନ୍ତାରେ ଅଛନ୍ତି। ସୋମବାର ବହୁ ସଂଖ୍ୟାରେ ଚାଷୀ ସାଇକେଲ, ବାଇକ, ଅଟୋ ଆଦିରେ ବୋଝ ଓ ବସ୍ତାରେ ବିଲାତି ବୋହି ଡେଲି ମାର୍କେଟକୁ ଆଣିଥିଲେ ହେଁ କିଣିବା ପାଇଁ କେହି ନ ଆସିବାରୁ ନିରାଶ ହୋଇ ଫେରିଛନ୍ତି। ଏଣେ ବର୍ଷା ହେବାରୁ ବିଲାତି ଗୁଡିକ ପଚିଯିବା ଆଶଙ୍କା କରିଛନ୍ତି ଚାଷୀ। ଏଣୁ ପ୍ରଶାସନ ପକ୍ଷରୁ ବଜାର ବ୍ୟବସ୍ଥା କରିବା ସହ ଶୀତଳ ଭଣ୍ଡାର, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା, ବିଭିନ୍ନ ହଷ୍ଟେଲ ମାନଙ୍କୁ ବିଲାତି ଯୋଗାଣ ଆଦି ବ୍ୟବସ୍ଥା କରାଗଲେ ଚାଷୀ ଉପକୃତ ହୋଇପାରିବେ ବୋଲି ଉକ୍ତ ଅଞ୍ଚଳର ଜଣେ ଚାଷୀ ଜୟନୁଲ ଆବେଦିନ କହିଛନ୍ତି। ଧାରକରଜ କରି ଓ ପରିଶ୍ରମ କରି ଚାଷ କରିଛନ୍ତି । ବିକିଲେ ଋଣ ଶୁଝିବେ ଓ ପରିବାର ଚଳାଇବେ । ନ ବିକିଲେ କଣ କରିବୁ ବୋଲି ଚାଷୀ ଶୁକଦେବ କହିଛନ୍ତି।

## ମୃତ୍ୟୁଞ୍ଜୟଙ୍କ ଶିକ୍ଷାଦାନ ନିଶା

ଶୁଭକାନ୍ତ ନାୟକ
ହାଟଡିହୀ, ୨୫।୨

ମୃତ୍ୟୁଞ୍ଜୟଙ୍କ ବୟସ ୪୦ ବର୍ଷ। ପେସାରେ ଜଣେ ସରକାରୀ ଶିକ୍ଷକ। କିନ୍ତୁ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିବା ତାଙ୍କର ନିଶା। ଏଥିଲାଗି ସେ କୌଣସି ଅର୍ଥ ନିଅନ୍ତି ନାହିଁ। ୨୦୦୬ ଫେବୃୟାରୀ ୨୩ ତାରିଖରେ ସରକାରୀ ଶିକ୍ଷକ ଭାବେ ତାଙ୍କୁ ନିଯୁକ୍ତି ମିଳିଲା । କିନ୍ତୁ ସରକାରୀ ଚାକିରି ପୂର୍ବରୁ ଏବଂ ଏବେ ମଧ୍ୟ ଛାତ୍ରୀଛାତ୍ରଙ୍କୁ ବିନା ମୂଲ୍ୟରେ ଶିକ୍ଷାଦାନ କରି ଶିକ୍ଷକ ଜଣକ ନିଜ ଅଞ୍ଚଳରେ ଉଦାହରଣ ପାଲଟିଥିବା ବେଳେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି।

ଆଦରରେ ଅଭିଭାବକ ଓ ଛାତ୍ରୀଛାତ୍ର ଶିକ୍ଷକଙ୍କୁ ଗୁନୁ ସାର ବୋଲି ଡାକନ୍ତି। କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଡଅଁର ପଞ୍ଚାୟତ ଚଷାଖଣ୍ଡ ଗ୍ରାମରେ ମୃତ୍ୟୁଞ୍ଜୟ ପଲେଇଙ୍କ ଘର। ସେ ଇଂଲିଶ ଶିକ୍ଷକ ଭାବେ ବେଶ୍ ପରିଚିତ। ନିଜ ଗାଁରୁ ଦଶମ ଶ୍ରେଣୀ ପାସ କରି ଭଦ୍ରକ କଲେଜରୁ ଯୁକ୍ତ ୨ ଓ ଯୁକ୍ତ ୩ ପାସ କରିଥିଲେ। ଏଜୁକେଶନରେ ପିଜି କରିବା ସହ ବିଏଡ ମଧ୍ୟ କରିଛନ୍ତି। ଜଣେ ଆଦର୍ଶ ଶିକ୍ଷକ ଭାବେ ମୃତ୍ୟୁଞ୍ଜୟଙ୍କୁ



ଦିଲୀରେ ମୃତ୍ୟୁଞ୍ଜୟଙ୍କୁ ହିନ୍ଦୀ ଗୌରବ ସମ୍ମାନ ମିଳିଛି।

କାସାଣ୍ଡ୍ରା ସମ୍ମାନ, ଦିଲ୍ଲୀରେ ହିନ୍ଦୀ ଗୌରବ ଆୱାର୍ଡ ମିଳିଛି। ପ୍ରତିଦିନ ସକାଳ ୭ଟାରୁ ୯ଟା ପର୍ଯ୍ୟନ୍ତ ମୃତ୍ୟୁଞ୍ଜୟ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇଥାନ୍ତି। ୯ଟା ପରେ ଘରକୁ ଯାଇ ଗାଧୋଇ, ଖାଇ ସ୍କୁଲକୁ ବାହାରିଥାନ୍ତି। ୪ଟା ପରେ ସ୍କୁଲରୁ ଫେରି ସାଢ଼େ ୪ଟାରେ ପୁଣି ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାନ୍ତି। ରାତି ୮ଟା ବାଜିଲେ ଘରକୁ ଫେରି ପରିବାର ସହ ସମୟ ବିତାନ୍ତି। ଏପରି କଟେ ତାଙ୍କର ନିତିଦିନ। ମୃତ୍ୟୁଞ୍ଜୟ କହିଛନ୍ତି ଯେ, ସମାଜରେ ଶିକ୍ଷାଦାନ ଏକ ମହତ୍ୱପୂର୍ଣ୍ଣ କାର୍ଯ୍ୟ । ଏହା ସମସ୍ତଙ୍କ ଦ୍ୱାରା ସମ୍ଭବ ନୁହେଁ, ଏହାପାଇଁ ବହୁ ଧୈର୍ଯ୍ୟ ଦରକାର। ସେ ବଞ୍ଚିଥିବା ପର୍ଯ୍ୟନ୍ତ ଶିକ୍ଷାର ମହତ୍ତ୍ୱ ଛାତ୍ରୀଛାତ୍ରଙ୍କ ପାଖରେ ପହଞ୍ଚାଇବେ। ଛାତ୍ରୀଛାତ୍ର ଭଲ ମଣିଷ ହେଲେ ତାଙ୍କୁ ସାର୍ଥକତା ମିଳିବ ବୋଲି ସେ କହିଛନ୍ତି।

## ଲାଞ୍ଚ ନେଇ ଧରାପଡ଼ିଲେ ସହକାରୀ ରାଜସ୍ୱ ନିରୀକ୍ଷକ

ବଡ଼ବିଲ/କେନ୍ଦୁଝର, ୨୫।୨ (ସ୍ୱ.ପ୍ର./ଡି.ଏନ୍.ଏ.)

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଭିଜିଲାନ୍ସ ଚଢ଼ାଉ କରିଛି। କାରାକୋହ୍ଲ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଠାରୁ ତାଙ୍କ ଜମି ଚିହ୍ନଟ ପାଇଁ ସହକାରୀ ରାଜସ୍ୱ ନିରୀକ୍ଷକ ରାମେଶ୍ୱର ମାରାଣ୍ଡି ୩ହଜାର ଟଙ୍କା ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ହାତରେ ଧରାପଡି ଜେଲ ଯାଇଛନ୍ତି।

ସୂଚନା ଅନୁଯାୟୀ, କାରାକୋହ୍ଲ ଅଞ୍ଚଳର ଜାକ୍ରିଏସ କିସପଟା ନାମକ ଜଣେ ବ୍ୟକ୍ତି ତାଙ୍କ ଜମି ଚିହ୍ନଟ ପାଇଁ ତହସିଲ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ତହସିଲଦାରଙ୍କ ପକ୍ଷରୁ ଜମି ଚିହ୍ନଟ ପାଇଁ ଆଦେଶ ମଧ୍ୟ ହୋଇଥିଲା। ତେବେ ଏଆରଆଇ ରାମେଶ୍ୱର ମାରାଣ୍ଡି ବିଭିନ୍ନ ଆଳ ଦେଖାଇ ଶୀଘ୍ର ଜମି ଚିହ୍ନଟ ହୋଇପାରିବ ନାହିଁ ଓ ୫ ହଜାର ଟଙ୍କା ଦେଲେ ସଙ୍ଗେସଙ୍ଗେ ଜମି ଚିହ୍ନଟ କରାଇଦେବେ ବୋଲି କହିଥିଲେ। ଏହାପରେ ଗତ ୨୦ ତାରିଖରେ ୩ ହଜାର ଟଙ୍କାରେ ଲାଞ୍ଚ ଦେବାକୁ କଥା ଛିଡ଼ିଥିଲା। ଏସମ୍ପର୍କରେ ଜାକ୍ରିଏସ୍ କେନ୍ଦୁଝର ଦୁର୍ନୀତି ନିବାରଣ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଥିଲେ। ଭିଜିଲାନ୍ସ ବିଭାଗର ଯୋଜନା ମୁତାବକ ମଙ୍ଗଳବାର ଅତିରିକ୍ତ ରାଜସ୍ୱ ନିରୀକ୍ଷକ ରାମେଶ୍ୱର ମାରାଣ୍ଡି ତାଙ୍କ ବାସଭବନରେ ସଂପୃକ୍ତ ବ୍ୟକ୍ତିଙ୍କଠାରୁ ୩ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଯୋଜନାବଦ୍ଧ ଭାବେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ବିଭାଗ ଏଆର୍‌ଆଇଙ୍କୁ ଲାଞ୍ଚ ଟଙ୍କା ସହ କାବୁ କରି ନେଇଥିଲା। ପରେ କେନ୍ଦୁଝର ଭିଜିଲାନ୍ସ ଏକ ଉତ୍କୋଚ ମାମଲା (ନଂ ୧୧/୨୦୨୦)ରୁଜୁ କରି



ରାଜସ୍ୱ ନିରୀକ୍ଷକ ରାମେଶ୍ୱର ମାରାଣ୍ଡି।

ରାମେଶ୍ୱରଙ୍କୁ ଗିରଫ କରିଥିଲା। ଏହି ଚଢାଉରେ କେନ୍ଦୁଝର ଭିଜିଲାନ୍ସ ଡିଏସ୍‌ପି ଦେବଦତ୍ତ ସେଠ, ଭିଜିଲାନ୍ସ ଇନ୍ସପେକ୍ଟର ହେମାମାଳିନୀ ନାୟକ, ବାଲେଶ୍ୱର ଭିଜିଲାନ୍ସ ଇନ୍ସପେକ୍ଟର ଦୁଷ୍ମନ୍ତ ନାୟକ, କେନ୍ଦୁଝର ଭିଜିଲାନ୍ସ କାର୍ଯ୍ୟାଳୟର ସର୍ବେଶ୍ୱର ସାହୁ, ଧ୍ରୁବେନ୍ଦ୍ର ପାତ୍ର ଏବଂ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

## ମାର୍ଚ୍ଚ ମାସ ପାଇଁ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

କେନ୍ଦୁଝର, ୨୫।୨(ଡି.ଏନ.ଏ.)

ଆସନ୍ତା ମାର୍ଚ୍ଚ ମାସ ପାଇଁ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପ୍ରକାଶ ପାଇଛି। ମାର୍ଚ୍ଚ ୨ ତାରିଖ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାରହଲ୍‌ଠାରେ, ମାର୍ଚ୍ଚ ୧୬ ତାରିଖ ସୋମବାର ହରିଚନ୍ଦନପୁର ବ୍ଲକ୍ କାର୍ଯ୍ୟାଳୟଠାରେ, ମାର୍ଚ୍ଚ ୨୩ ତାରିଖ ସୋମବାର ଘଷିପୁରା ବ୍ଲକ୍ କାର୍ଯ୍ୟାଳୟ ଏବଂ ମାର୍ଚ୍ଚ ୩୦ ତାରିଖ ସୋମବାର ପାଟଣା ବ୍ଲକ୍ କାର୍ଯ୍ୟାଳୟଠାରେ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ଏହି ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କ ଅବଗତି ନିମନ୍ତେ ବିହିତ ପଦକ୍ଷେପ ନେବାକୁ ଜିଲାପାଳ ଆଶିଷ ଠାକ୍‌ରେ ଜିଲାର ସମସ୍ତ ଉପଜିଲାପାଳ, ବିଡିଓ ଏବଂ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏତଦ୍‌ବ୍ୟତୀତ କାର୍ଯ୍ୟସୂଚୀ ଅନୁଯାୟୀ ଅଭିଯୋଗ ଶୁଣାଣି ସ୍ଥାନମାନଙ୍କରେ ଚିକିତ୍ସା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଶ୍ରମ, ଜଳସେଚନ, ଉଠାଜଳସେଚନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ଯୋଗାଣ ବିଭାଗ, ସମାଜ ମଙ୍ଗଳ ବିଭାଗ, ସାମାଜିକ ସୁରକ୍ଷା ବିଭାଗ ତରଫରୁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସମ୍ପୃକ୍ତ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ବେପରୁଆ ଗାଡ଼ି ଚାଳକଙ୍କୁ ଜେଲ

ଚମ୍ପୁଆ, ୨୫।୨(ଡି.ଏନ.ଏ)

ବେପାରୁଆ ଗାଡି ଚାଳନା ଦ୍ୱାରା ଜଣଙ୍କର ମୃତ୍ୟୁ ହୋଇଥିବା ମାମଲାରେ ବିଚାରକରି ମଙ୍ଗଳବାର ଚମ୍ପୁଆ ଅତିରିକ୍ତ ଜିଲା ଦୌରାଜଜ ଦଳଗୋବିନ୍ଦ ବାରିକ ଜେଲ ଦଣ୍ଡ ପ୍ରଦାନ କରିଛନ୍ତି। ଘଟଣା ଅନୁଯାୟୀ ତା ୧୦।୦୭।୨୦୧୮ରିଖ ବାମେବାରୀ ଥାନା ଜଗନ୍ନାଥପୁର ଗ୍ରାମର ବୁଧୁରାୟି ମାଝି ରାସ୍ତା କଡରେ ଜାମୁକଳି ଗୋଟାଉଥିବା ବେଳେ ଶ୍ୟାମଲାଲ ମୁଣ୍ଡା ନାମକ ଜଣେ ଗାଡି ହେଲପର ବେପରୁଆ ଗାଡି ଚାଳନା ଦ୍ୱାରା ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ବୁଧୁରାୟିଙ୍କ ମୃତ୍ୟୁ ହୋଇଥିଲା। ଏନେଇ ତାଙ୍କ ସମ୍ପର୍କୀୟ ବାମେବାରୀ ଥାନାରେ ଅଭିଯୋଗ କରିଥିଲେ। ୧୧ ଜଣ ସାକ୍ଷୀଙ୍କ ବୟାନ ଓ ଡାକ୍ତରୀମାଇନା ରିପୋର୍ଟକୁ ଆଧାର କରି ଅତିରିକ୍ତ ଜିଲା ଦୌରାଜଜ ଦଫା ୩୦୪(ଏ) ଅନୁସାରେ ଏକ ବର୍ଷ ଶଶ୍ରମ କାରାଦଣ୍ଡ ଓ ଦଫା ୨୭୯ ବେପାରୁଆ ଗାଡି ଚାଳନା ପାଇଁ ଏକ ହଜାର ଟଙ୍କା ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ମଧୁସୁଦନ ପତି ଏହାକୁ ପରିଚାଳନା କରିଥିଲେ।

## ଜିଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା



ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀ।

ଝୁମ୍ପୁରା, ୨୫।୨(ଡି.ଏନ.ଏ.)

ନେହେରୁ ଯୁବ କେନ୍ଦ୍ର କେନ୍ଦୁଝର ପକ୍ଷରୁ ନେତାଜୀ ଯୁଥକ୍ଲବ ଦ୍ୱାରା ଅର୍ଶଳା ପଞ୍ଚାୟତର ଦୂର୍ଗପୁର ଗ୍ରାମ୍ୟ ପଡିଆ ଠାରେ ୨୨ ଏବଂ ୨୩ ତାରିଖ ୨ଦିନ ଧରି ଜିଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଦୌଡ, ଭଲିବଲ, ମ୍ୟାଜିକ ଚେୟାର, ଫୁଟବଲ ଭଳି ଖେଳଗୁଡିକ ସ୍ଥାନିତ ହୋଇଥିଲା। ଜିଲାର ବିଭିନ୍ନ କ୍ଲବର ଶତାଧିକ ଯୁବତୀଯୁବକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅର୍ଶଳା ଗ୍ରାମ ସରପଞ୍ଚ ତଥା କ୍ରୀଡାବିତ୍ ପ୍ରସନ୍ନ ନାଏକଙ୍କ ତତ୍ତ୍ୱାବଧାନରେ ସୁଦର୍ଶନ ବାରିକ, ଜନ୍ମେଜୟ ବେହେରା, ତାପସ ନାଏକ ଏହି ପ୍ରତିଯୋଗିତା ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ୧୭ନଂ ଜିଲା ପରିଷଦ ସଦସ୍ୟ ଅନୁବ୍ରତ ବେହେରା, ନେହେରୁ ଯୁବକେନ୍ଦ୍ର ସଂଯୋଜିକା ବସୁନ୍ଧରା ସାହୁ, ଆଦର୍ଶ ଶିକ୍ଷକ ନିରାକାର ବେହେରା ପ୍ରମୁଖ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପରିସ୍କୃତ କରିଥିଲେ।

## ଉତ୍କଳ ଦିବସ ପାଳନ ପ୍ରସ୍ତୁତି

ଯୋଡ଼ା, ୨୫।୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ସହରରେ ସବୁ ବର୍ଷ ପରି ଚଳିତ ବର୍ଷ ଉତ୍କଳ ଦିବସ ପାଳନ ନେଇ ମଙ୍ଗଳବାର ଯୋଡା ପୌରପାଳିକା ସଭାଗୃହଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉତ୍କଳ ଦିବସ ସମାରୋହ ସେବା ଟ୍ରଷ୍ଟର ସଭାପତି ସିଦ୍ଧାର୍ଥ ସାରଥୀ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପଦେଷ୍ଟା ଭାବେ ଚମ୍ପୁଆ ପୂର୍ବତନ ବିଧାୟକ ଜିତୁ ପଟ୍ଟନାୟକ, ଟ୍ରଷ୍ଟର ଉପ ସଭାପତି ପ୍ରକାଶ ମହାନ୍ତି, ସମ୍ପାଦକ ବେଣୁଧର ବେହେରା, ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର, ସମ୍ପାଦକ ସୁଶାନ୍ତ ବାରିକ, ଚର୍ଚ୍ଚିଲ ମହାକୁଡ ପ୍ରମୁଖଙ୍କ ସମେତ ଯୋଡାର ବହୁ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ଓ ଟାଟାଷ୍ଟିଲର ପ୍ରତିନିଧିମାନେ ଏହି ବୈଠକରେ ଯୋଗ ଦେଇଥିଲେ। ମଙ୍ଗଳବାର ସନ୍ଧ୍ୟା ସମୟରେ ହୋଇଥିବା ଏହି ବୈଠକରେ ଗତ ବର୍ଷ ଉତ୍କଳ ଦିବସ ପାଳନର ସମସ୍ତ ବ୍ୟୟ ଅଟକଳ ବିବରଣୀ ପ୍ରଦାନ କରାଯାଇଥିଲା । ଚଳିତ ବର୍ଷ କିପରି ଭାବେ ଏହି ଉପାନ୍ତ ଅଞ୍ଚଳରେ ଓଡିଶା ଦିବସକୁ ଅତି ଆଡମ୍ବର ଭାବେ ପାଳନ କରାଯିବ ସେନେଇ ବୈଠକରେ ଆଲୋଚନା କରାଯାଇଥିଲା ।



ବୈଠକରେ ଉପସ୍ଥିତ ଅତିଥି ଏବଂ କର୍ମକର୍ତ୍ତା।

## ହୋଲଡିଂ ଟ୍ୟାକ୍ସ ସମ୍ପର୍କିତ ବୈଠକ

ଚମ୍ପୁଆ, ୨୫।୨(ଡି.ଏନ.ଏ.)

ଚମ୍ପୁଆ ଏନଏସିରେ ଲାଗୁକରାଯାଇଥିବା ହୋଲଡିଂ ଟ୍ୟାକ୍ସକୁ ସ୍ଥାନୀୟ ଅଞ୍ଚଳବାସୀ ଓ ବହୁ ସାମାଜିକ ସଙ୍ଗଠନ ସହିତ କାଉନସିଲରମାନେ ବିରୋଧ କରିଆସୁଥିଲେ। ଏନେଇ କାଉନସିଲର ଓ ସାମାଜିକ ସଙ୍ଗଠନକୁ ନେଇ ଏକ ବୈଠକ ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଅନେକ କାଉନସିଲର ଆସି ନ ଥିବାରୁ ଏହି ବୈଠକରେ କୌଣସି ନିଷ୍କର୍ଷ ବାହାରିପାରି ନ ଥିଲା। ସୂଚନା ଅନୁସାରେ ମଙ୍ଗଳବାର ଅପରାହ୍ନରେ ଉପଜିଲାପାଳ ପ୍ରତାପ ପ୍ରିତିମୟଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ବୈଠକରେ ଚମ୍ପୁଆ ବିକାଶ ପରିଷଦର ଧନୁର୍ଜୟ ଲାଗୁରୀ, ସତ୍ୟବାନ କର, ଶ୍ରମିକ ନେତା ବିଦ୍ୟାଧର ମହାନ୍ତ, ସାନ୍ତନୁ ଦାସ, ଭାଇସ ଚେୟାରମ୍ୟାନ ମାନସ ପଶାୟତ, କାଉନସିଲର ରିତାରାଣୀ ନାଏକ, ତପନ ଉଗ୍ରସାଣ୍ଡି ପ୍ରମୁଖ ଯୋଗଦେଇଥିଲେ। ଦୀର୍ଘ ୧ ଘଣ୍ଟାକାଳ ହୋଲଡିଂ ଟ୍ୟାକ୍ସକୁ ନେଇ ଉପଜିଲାପାଳଙ୍କ ସହ ଆଲୋଚନା କରାଯାଇଥିଲା। ଚମ୍ପୁଆ ଏକ ଆଦିବାସୀ ଅଞ୍ଚଳ ହୋଇଥିବାରୁ ଏଠିକାର ସାଧାରଣ ଲୋକଙ୍କ ଆର୍ଥିକ ସ୍ଥିତି ସେତେ ସଦୃଢ ନାହିଁ। ତେଣୁ ନିର୍ଦ୍ଧାରଣ କରାଯାଇଥିବା ହୋଲିଡଂ ଟ୍ୟାକ୍ସର ପ୍ରତିଶତ କମାଇବାକୁ ଦାବି କରିଥିଲେ। ଆବଶ୍ୟକ କାଉନସିଲରଙ୍କ ଅନୁପସ୍ଥିତି ଯୋଗୁ ଆଉ ଏକ ବୈଠକ ଆସନ୍ତା ଦୁଇ ଦିନ ମଧ୍ୟରେ କରାଯାଇ ଏହି ଟ୍ୟାକ୍ସ ବାବଦକୁ ପଦକ୍ଷେପ ନିଆଯିବ ବୋଲି ପ୍ରତିମୟ ସୂଚନା ଦେଇଛନ୍ତି।



ଉପଜିଲାପାଳଙ୍କ ସହ କାଉନସିଲର ଓ ସଙ୍ଗଠନ କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

# ବିପଦପୂର୍ଣ୍ଣ ଅବସ୍ଥାରେ ଘାଟି ରାସ୍ତା

କେନ୍ଦୁଝର, ୨୫।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲାର ଘଟଗାଁ ବ୍ଲକ ନୁଦୁରପଡାଠାରୁ ଖରବା ଦେଇ ତେଲକୋଇ ବ୍ଲକର କାଳିଆହୋତା ପର୍ଯ୍ୟନ୍ତ ବଣଜଙ୍ଗଲ ଓ ପର୍ବତମାଳା ଦେଇ ଦୀର୍ଘ ପ୍ରାୟ ୫୦ କି.ମି. ରାସ୍ତାର ଉନ୍ନତୀକରଣ କରାଗଲେ ଦୁର୍ଗମ ଆଦିବାସୀବହୁଳ ବହୁ ଗ୍ରାମର ବିକାଶ ହେବା ସହ କେନ୍ଦୁଝର ଜିଲାରୁ ଢେଙ୍କାନାଳ ଜିଲାର କାମାକ୍ଷାନଗର ଦେଇ ଅନ୍ୟାନ୍ୟ ଜିଲାକୁ ଯାତାୟାତ ସୁଗମ ହୋଇଯିବ। ଏହି ରାସ୍ତାକୁ ଜାତୀୟ ରାଜପଥର ମାନ୍ୟତା ଦେବା ପାଇଁ ପରିକଳ୍ପନା କରାଯାଇ ବିଭିନ୍ନ ସ୍ଥାନରେ ଉନ୍ନତିମୂଳକ କାମ ଚାଲିଛି। ତେବେ ଉପଯୁକ୍ତ ତଦାରଖ ଅଭାବରୁ କାମର ମାନ ଠିକ୍ ହେଉନାହିଁ ଏବଂ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ହେଁ ସୁଧୁରୁ ନାହିଁ। ଫଳରେ ଯାତାୟାତ ନିରାପଦ ହେଉନାହିଁ। ଏହି ରାସ୍ତାକୁ ଭାଗ ଭାଗ କରାଯାଇ ବିଭିନ୍ନ ସ୍ଥାନରେ କାମ ଚାଲୁଛି। ଅନେକ ସ୍ଥାନରେ ନିମ୍ନମାନର କାମ ଯୋଗୁ ରାସ୍ତା ନଷ୍ଟ ହୋଇଯାଇଥିବା ଅଭିଯୋଗ ହୋଇଛି। ସେହିପରି ରାସ୍ତାକଡ ଗୁଡିକ ଠିକ୍ ଭାବେ କାମ ହୋଇ ନ ଥିବାରୁ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଅନେକ ସ୍ଥାନରେ ବର୍ଷ ବର୍ଷ ଧରି ରାସ୍ତା, କଲଭର୍ଟ, ପୋଲ ଆଦି କାମ ଅସମ୍ପୂର୍ଣ୍ଣ ରହିଥିବା ବେଳେ ସୁରକ୍ଷା ବ୍ୟବସ୍ଥା ଓ ସତର୍କତା ସୂଚନା ଦିଆଯାଇ ନ ଥିବାରୁ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ମତବ୍ୟକ୍ତ କରୁଛନ୍ତି। ଶୋଚନୀୟ ରାସ୍ତା ଯୋଗୁ ଯାତ୍ରୀବାହୀ ବସ ଓ ଅନ୍ୟାନ୍ୟ ଗାଡି ଯାତାୟାତ କରିପାରୁନାହିଁ। ଫଳରେ ବନବାସୀ ମାନେ ଜିଲା ମୁଖ୍ୟାଳୟ ତଥା ସହରାଞ୍ଚଳକୁ ଯାଇ ସେମାନଙ୍କ ସଂଗୃହୀତ ଓ ଉତ୍ପାଦିତ ସାମଗ୍ରୀ ବିକ୍ରିବଟା କରିପାରୁ ନ ଥିବା କହିଛନ୍ତି। ସେହିପରି ପାହାଡ କଟା ଯାଇ ଘାଟି ରାସ୍ତା ନିର୍ମାଣ କରାଯାଇ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ହେଁ ଉପଯୁକ୍ତ ତଦାରଖ ଅଭାବରୁ କାମ ଠିକ୍ ଭାବରେ ହେଉ ନ ଥିବା ଅଭିଯୋଗ ହେଉଛି । ଏଣୁ ଘାଟି ରାସ୍ତାଟି ଅସୁରକ୍ଷିତ ଅବସ୍ଥାରେ ରହିଥିବା ଜଣାପଡିଛି । ଏଣୁ ଲୋକେ ଯାତାୟାତ କରିବାକୁ ଭୟ କରୁଛନ୍ତି । ସୁଉଚ୍ଚ ପାହାଡରୁ ଅଙ୍କାବଙ୍କା ରାସ୍ତାରେ ତଳକୁ ଯିବାକୁ ପଡିଥାଏ। ତେବେ ଅନେକ ସ୍ଥାନର ରାସ୍ତାକଡରେ କୌଣସି ସୁରକ୍ଷାବାଡ ବା ବୁଲାଇବା ସ୍ଥାନରେ ପ୍ରଶସ୍ତ ସ୍ଥାନ ନ ଥିବାରୁ ବିପଦ ଆଶଙ୍କା ରହିଛି। ବର୍ଷା ଯୋଗୁ ପାଣି ଗଡି ରାସ୍ତା ଧୋଇଯାଇଥିବାରୁ ପଥର ଓ ଖାଲଖମା ଭରିଯାଇଥିବାରୁ ଘାଟି ରାସ୍ତା ସମ୍ପୂର୍ଣ୍ଣ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏହି ରାସ୍ତା କଡରେ ବହୁ ଜୁଆଙ୍ଗ, ଭୂୟାଁ, ମୁଣ୍ଡା ଆଦି ଗ୍ରାମ ରହିଥିବାରୁ ସେମାନଙ୍କ ସରଳତାର ସୁଯୋଗ ନେଇ ଠିକାଦାର, କାଠ ମାଫିଆ ଓ ଶିକାରୀମାନେ ନିଜର ପତିଆରା ମେଲାଇ ନିମ୍ନମାନର କାମ କରୁଥିବା, ଜଙ୍ଗଲ କାଟି ଚୋରା ଚାଲାଣ ଓ ପଶୁ ଶିକାର କରୁଥିବା ସ୍ଥାନୀୟ ଅଞ୍ଚଳର ଲୋକେ ମତବ୍ୟକ୍ତ କରୁଛନ୍ତି । ଏଣୁ ଏହି ରାସ୍ତା ତୁରନ୍ତ ନିର୍ମାଣ କରି ପିଚୁ/ କଙ୍କ୍ରିଟ କରାଗଲେ ଯାତାୟାତ ଉପଯୋଗୀ ହୋଇପାରିବ।



ନୁଦୁରପଡାଠାରୁ କାଳିଆହୋତା ପର୍ଯ୍ୟନ୍ତ ଯାଇଥିବା ଏକ ବିପର୍ଯ୍ୟସ୍ତ ଘାଟି ରାସ୍ତା ।

## ସଂକ୍ଷେପରେ

### ଅଦିନିଆ ବର୍ଷା ଯୋଗୁ ରବି ଚାଷ କ୍ଷତିଗ୍ରସ୍ତ

**ବାଲିଆପାଳ, ୨୫।୨(ଡି.ଏନ.ଏ.):** ଲଗାତାର ଅଦିନିଆ ବର୍ଷା ଯୋଗୁ ବାଲିଆପାଳ ବ୍ଲକ ସମେତ ଗ୍ରାମାଞ୍ଚଳରେ ଚାଷୀଙ୍କର ରବି ଚାଷରେ ବ୍ୟାପକ କ୍ଷତି ହୋଇଛି। ରବି ପନିପରିବା ଆଳୁ, ଦେଶୀ ପିଆଜ, ବିଲାତି, ଚିନାବାଦାମ, ସୋରିଷ, ଧନିଆ ଚାଷ ଆଦୌ ଉଧଉ ନାହିଁ। ମାଟି ତଳେ ଥିବା ଆଳୁ, ପିଆଜରୁ ଗଜା ବାହାରିଲାଣି। ଯେଉଁ ଚାଷୀମାନେ ଋଣ କରି ପନିପରିବା ଚାଷ କରିଥିଲେ ସେମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। କୋହଲା ପାଗ ଯୋଗୁଁ ରୋଗ ପୋକ ଅଧିକ ମାଡିଛନ୍ତି ବୋଲି ଚାଷୀମାନେ କହିଛନ୍ତି। ସରକାର କ୍ଷୟକ୍ଷତି ଆକଳନ କରି ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

### ଚୋରା କାଠ ବୋଝେଇ ପିକଅପ୍ ଜବତ

**ସଜନାଗଡ଼,୨୫।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଅନ୍ତର୍ଗତ କୁଲଡ଼ିହା ବନବିଭାଗର ରେଞ୍ଜର ବିଜୟ ମହାପାତ୍ର ଖବର ପାଇ ଖନ୍ତାପଡ଼ା ଥାନା ଚିତାପନା ଗ୍ରାମରୁ ମଙ୍ଗଳବାର ଏକ ଚୋରା କାଠ ବୋଝେଇ ପିକଅପ୍‌କୁ ଜବତ କରିଛନ୍ତି। ମାତ୍ର କୌଶଳକ୍ରମେ ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଜବତ ପିକଅପ୍ ଗାଡ଼ିଟିର ନମ୍ବର ନ ଥିବା ବେଳେ ଉକ୍ତ ଗାଡ଼ିରେ ୨୦ ସିଫ୍ଟ ଅର୍ଜୁନ କାଠ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୨୦ହଜାର ଟଙ୍କା ହେବ ବୋଲି ବନବିଭାଗ ସୂତ୍ରରୁ ପ୍ରକାଶ। ଚଢ଼ାଉରେ ଗାର୍ଡ଼ ରାମେଶ୍ୱର ମୁର୍ମୁ, ସିଙ୍ଗିରାଇ ହେମ୍ବରମ୍, ଜୟନ୍ତ ସେଠୀ, ଗଣେଶ୍ୱର ବିଶ୍ୱାଳ ପ୍ରମୁଖ ସାମିଲ୍ ଥିଲେ।

### ଅବସରପ୍ରାପ୍ତ ରେଳ କର୍ମଚାରୀଙ୍କ ମୃତ୍ୟୁ

**ରୂପ୍‌ସା, ୨୫।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ରୂପ୍‌ସା ଥାନା ରାଉତପଡ଼ା ପଞ୍ଚାୟତ ଅନ୍ତର୍ଗତ ବାରାପାଳ ଗ୍ରାମର ଜଣେ ଅବସରପ୍ରାପ୍ତ ରେଳ ବିଭାଗ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବନମାଳୀ ଦାସ (୭୬)। ଦୀର୍ଘଦିନ ଧରି ସେ ମଧୁମେହ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ତାଙ୍କ ବାସଭବନରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଜନପ୍ରତିନିଧି ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଗାଁ ଶ୍ମଶାନରେ ତାଙ୍କର ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ ହୋଇଥିଲା।

### ୪ ଚୋରା ମଦ ବେପାରୀ ଗିରଫ

**ରୂପ୍‌ସା/ବସ୍ତା, ୨୫।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଅବକାରୀ ଅଧୀକ୍ଷକ ବିବେକାନନ୍ଦ ନାୟକଙ୍କ ନିର୍ଦ୍ଦେଶକ୍ରମେ ଉପଅଧୀକ୍ଷକ ସେକ ଅସ୍‌ଫଅଲ୍ଲୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୋମବାର ରାତିରେ ଚଢ଼ାଉ କରାଯାଇ ୪ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ବସ୍ତା ଅବକାରୀ ଥାନା ଓଆଇସି ଅନ୍‌ପା ମାରାଣ୍ଡି, ଏଏସ୍‌ଆଇ ମାନଗୋବିନ୍ଦ ମହାପାତ୍ର ପ୍ରମୁଖ ସଦଳବଳେ ବସ୍ତା ଓ ସିଂଲା ଥାନା ଅଞ୍ଚଳରେ ଅତର୍କିତ ଚଢ଼ାଉ କରି ଅଭିଯୁକ୍ତ ଚକରଡ଼ା ଗ୍ରାମର ତପନ କୁମାର ଦାସ, ସନ୍ତୋଷପୁରର ହୀରା ଟୁଡୁ ଓ ଭୋଜୟ୍ ଟୁଡୁ, ଆମ୍ବକୁଟୁଡ଼ି ଗ୍ରାମର ପୂର୍ଣ୍ଣଚନ୍ଦ୍ର ଗୋଛାୟତଙ୍କୁ ଗିରଫ କରିଥିଲେ। ସେମାନଙ୍କଠାରୁ ୯୮ ଲିଟର ଚୋରା ହାତ ରନ୍ଧା ଦେଶୀମଦ ଜବତ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ପୃଥକ୍ ମାମଲା (ନଂ. ୯୫, ୯୬, ୯୭, ୯୮/୧୯-୨୦) ରୁଜୁ ହୋଇ ମଙ୍ଗଳବାର ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି।

### ଅଧାପକଙ୍କ ପରଲୋକ

**ବାଲିଆପାଳ,୨୫।୨(ଡି.ଏନ.ଏ.):** ବାଲିଆପାଳ ବ୍ଲକର ଦେଭୋଗସ୍ଥିତ ସୁବର୍ଣ୍ଣରେଖା କଲେଜର ଯୁକ୍ତ ଦୁଇ ଧନ୍ଦାମୂଳକ ଶିକ୍ଷା ବିଭାଗର ବରିଷ୍ଠ ଅଧାପକ ମଦନମୋହନ ପଣ୍ଡାଙ୍କ ସୋମବାର ଭୁବନେଶ୍ୱରର ଏକ ନର୍ସିଂହୋମ୍‌ରେ ଚିକିତ୍ସିତ ହେଉଥିବାବେଳେ ଗଳା କର୍କଟ ରୋଗରେ ମୃତ୍ୟୁ ହୋଇଥିଲା। ମଙ୍ଗଳବାର ଏହି ଖବର ଜଣାପଡ଼ିବା ପରେ କଲେଜ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷ ଡ. ସନ୍ତୋଷ କୁମାର ଦାସ, ଅଧାପକ ଲକ୍ଷ୍ମୀକାନ୍ତ ଜେନା, ବ୍ରହ୍ମ ପ୍ରକାଶ ନାଥ, ସତ୍ୟନାରାୟଣ ସାହୁ, ବେଣୁଧର ନାୟକ, ବରିଷ୍ଠ କିରାଣୀ ସନାତନ ଜେନା, ରଣଜିତ କୁମାର ସାହୁ, ପ୍ରିୟରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ ଶୋକ ପ୍ରକାଶ କରିଥିଲେ। ପରେ କଲେଜକୁ ମଙ୍ଗଳବାର ଛୁଟି ଘୋଷଣା କରାଯାଇଥିଲା।

# ଉଜୁଡ଼ି ଯାଉଛି ଉପକୂଳ ବନାଞ୍ଚଳ


ଉପକୂଳବର୍ତ୍ତୀ ଅଞ୍ଚଳରେ ଥିବା ଗଛଗୁଡ଼ିକୁ କାଟି ନିଆଯାଇଛି।

- କ୍ଷୟ ହେଉଛି ମୃତ୍ତିକା
- ପରିବେଶ ଉପରେ ପଡ଼ୁଛି ପ୍ରଭାବ
- ବନ ବିଭାଗର ନିଘା ନାହିଁ

**ପ୍ରଦୀପ ଦାସ**
**ଭୋଗରାଇ, ୨୫।୨**

ପ୍ରକୃତିର ଅମୂଲ୍ୟ ସମ୍ପଦ ଜଙ୍ଗଲ। ପ୍ରକୃତିକୁ ସୁରକ୍ଷିତ ରଖିଲେ ଆମେ ସୁରକ୍ଷିତ ରହିପାରିବା। ସମୁଦ୍ର ଉପକୂଳବର୍ତ୍ତୀ ଜଙ୍ଗଲ ଦିନକୁ ଦିନ ଧ୍ୱଂସ ହୋଇଯାଉଥିବାରୁ ତାପମାତ୍ରା ବୃଦ୍ଧି ପାଇବା ସହିତ ପରିବେଶ ଉପରେ ଗଭୀର ପ୍ରଭାବ ପଡୁଛି। ଓଡ଼ିଶାରେ ୪୭.୦୩ ବର୍ଗ କି.ମି. ଅଞ୍ଚଳରେ ରହିଛି ଜଙ୍ଗଲ। ବାଲେଶ୍ୱର ଜିଲା ସୀମାନ୍ତ ଉଦୟପୁରଠାରୁ ଗଞ୍ଜାମର ଗୋପାଳପୁର ପର୍ଯ୍ୟନ୍ତ ୪୮୧କି.ମି. ବ୍ୟାପ୍ତ ବେଳାଭୂମିରେ ରହିଛି ବହୁ ମୂଲ୍ୟବାନ ଗଛ। ଏଥିସହିତ ବାଲେଶ୍ୱର ଜିଲା ଉଦୟପୁରଠାରୁ ଗୋପାଳପୁର ପର୍ଯ୍ୟନ୍ତ ୨୩୦.୪୫ ବର୍ଗଫୁଟ ବେଳାଭୂମିରେ ରହିଛି ବିଭିନ୍ନ ପ୍ରଜାତିର ଗଛ। ସାମୁଦ୍ରିକ ଝଡ଼ବାତ୍ୟାକୁ ପ୍ରତିରୋଧ କରିବା, ସମୁଦ୍ରକୂଳ ମୃତ୍ତିକା କ୍ଷୟକୁ ରୋକିବା, ପ୍ରକୃତି ଓ ପରିବେଶକୁ ସୁରକ୍ଷିତ ରଖିବା ନିମନ୍ତେ ୧୯୬୦ ମସିହାରୁ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଯୌଥ ଜଙ୍ଗଲ ଆଇନ ଲାଗୁ କରାଯାଇଥିବାବେଳେ ଏହାର ସୁଫଳ ମିଳୁନାହିଁ।

ସର୍ଭେରୁ ଜଣାଯାଏ ଯେ, ବାର୍ଷିକ ମୁଣ୍ଡ ପିଛା କାର୍ବନ ଡାଇଅକ୍ସାଇଡ୍ ୨.୩ ଟନ୍ ବାୟୁମଣ୍ଡଳ ପାଇଁ ନିରାପଦ ଥିବାବେଳେ ବର୍ତ୍ତମାନ ଏହାର ନିର୍ଗମନ ୪.୮ ଟନ୍‌କୁ ବୃଦ୍ଧି ପାଇଛି। ଏଭଳି ସ୍ଥିତିରେ ଲୋକଙ୍କ ମଧ୍ୟରେ ସଚେତନତା ଅଭାବ, ବନବିଭାଗର ଦାୟିତ୍ୱହୀନତା, ଜଙ୍ଗଲ କାଠମାଫିଆଙ୍କ ଜଙ୍ଗଲ ଲୁଟ୍ ଓ ପ୍ରଶାସନର ନୀରବତା ଯୋଗୁ ଉପକୂଳ ବନାଞ୍ଚଳ ଧ୍ୱଂସ ପାଉଛି। ସମୁଦ୍ର ଅାଁ ଭିତରେ ବାଲେଶ୍ୱର ଜିଲାର ବହୁ ଗାଁ ରହିଛି। ଜଙ୍ଗଲ ସୁରକ୍ଷା ନାମରେ ବନ ବିଭାଗ ପକ୍ଷରୁ ବନ ମହୋତ୍ସବ ପାଳନ କରାଯାଉଥିଲେ ମଧ ତାହା କେବଳ ଭୋଜି ଭାତରେ ସୀମିତ ରହୁଛି। ବନ ମହୋତ୍ସବ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କଠାରୁ ଯେତିକି ଅର୍ଥ ଅନୁଦାନ ଆସୁଛି ସେଥିରେ ରକ୍ଷଣାବେକ୍ଷଣ ଠିକ୍ ଭାବେ କରାଯାଉ ନ ଥିବା ଅଭିଯୋଗ ହେଉଛି।

ପରିବେଶ ବିଜ୍ଞାନୀମାନେ ସମୁଦ୍ରର ତାପମାତ୍ରା ବୃଦ୍ଧି କାରଣରୁ ୨୧୦୦ ମସିହା ବେଳକୁ ଜୀବଜଗତ ପାଇଁ ଅମ୍ଳଜାନର ଅଭାବ ପରିଲକ୍ଷିତ ହେବା ସହିତ ବିଶୁଦ୍ଧ ଅମ୍ଳଜାନ ଅଭାବ ଦେଖାଦେବ ବୋଲି ଭବିଷ୍ୟବାଣୀ କରିଛନ୍ତି। ଏତଦ୍‌ଭିନ୍ନ ଉଭୟ ଜଳ ଓ ସ୍ଥଳଭାଗର ଜୀବଜନ୍ତୁଙ୍କ ଜୀବନ ପ୍ରତି ବିପଦ ଦେଖାଦେବ ବୋଲି ସତର୍କ କରାଇଛନ୍ତି। ଏଭଳି ଉଦ୍‌ବେଗଜନକ ସ୍ଥିତିର ମୁକାବିଲା ପାଇଁ ଚେନ୍ନାଇ ସରକାର ଏକ ଅଞ୍ଚଳକୁ ଜଙ୍ଗଲରେ ପରିଣତ କରିବା ପାଇଁ ଜାପାନିଜ୍ ପଦ୍ଧତିରେ ୨୦ହଜାର ବର୍ଗଫୁଟ ଅଧିକ ଅମ୍ଳଜାନ ପ୍ରଦାନକାରୀ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦେଉଛନ୍ତି। ଓଡ଼ିଶାରେ ମଧ ଅନୁରୂପ ଭାବେ ସମୁଦ୍ର କୂଳ ଅଞ୍ଚଳରେ ବୃକ୍ଷରୋପଣ ଓ ରକ୍ଷଣାବେକ୍ଷଣ କରିବାକୁ ପରିବେଶବିତ୍‌ମାନେ ଦାବି କରିଛନ୍ତି। ଜଙ୍ଗଲ ଉଜୁଡ଼ି ଯାଉଥିବାବେଳେ ପ୍ରକୃତି, ପରିବେଶ ଓ ଅର୍ଥନୀତି ଉପରେ ଏହାର ଗଭୀର ପ୍ରଭାବ ପଡୁଛି। ଭବିଷ୍ୟତ ପାଇଁ ଏହା ଭୟାନକ ରୂପ ନେବ ବୋଲି ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି। ବାଲେଶ୍ୱର ଜିଲା ଡିଏଫ୍‌ଓ ବିଶ୍ୱରାଜ ପଣ୍ଡା କହିଛନ୍ତି ଯେ, ଚାନ୍ଦିପୁର ବେଳାଭୂମିରେ ୫୦ହେକ୍ଟର ଝାଉଁ ଜଙ୍ଗଲ ସୃଷ୍ଟି ପାଇଁ ଚାରାରୋପଣ ହୋଇଥିଲା। ହେଲେ ବନ କର୍ମଚାରୀଙ୍କ ଅଭାବ ଯୋଗୁ ଜଙ୍ଗଲ ସୁରକ୍ଷିତ ହୋଇପାରିନାହିଁ। ପରିବେଶବିତ୍ ସୁଦର୍ଶନ ଦାସ କହିଛନ୍ତି, ରାଜ୍ୟରେ ଖଣି ଖାଦାନର ଶିଳ୍ପପତିମାନଙ୍କ ସ୍ୱାର୍ଥରକ୍ଷା ଲାଗି ଜଙ୍ଗଲ ଲୁଟ୍ ହେଉଛି ଏବଂ ଏଥିନିମନ୍ତେ ଜଳବାୟୁର ଘୋର ପରିବର୍ତ୍ତନ ଘଟି ଜୀବଜଗତ ପାଇଁ ଉଦ୍‌ବେଗଜନକ ସ୍ଥିତି ଉପୁଜିଛି। ସାମାଜିକ କର୍ମୀ ହୁଇ ନାରାୟଣ ରାଉତ କହନ୍ତି, ଉପକୂଳ ଜଙ୍ଗଲ ଧ୍ୱଂସ ଯୋଗୁ ଆମେ ବିପଦକୁ ଆମନ୍ତ୍ରଣ କରୁଛୁ। ବନବିଭାଗ-ଜଙ୍ଗଲ ମାଫିଆଙ୍କ ସଲାସୁତରା ଓ ରକ୍ଷଣାବେକ୍ଷଣ ଅଭାବ ଯୋଗୁ ବନାଞ୍ଚଳ ଉଜୁଡ଼ି ଯାଉଛି। ଏଥିପାଇଁ ସରକାର ପଦକ୍ଷେପ ନେବା ଜରୁରୀ ଅଟେ।

### ବାଲି ବୋଝେଇ ଟ୍ରାକ୍ଟରରୁ ଜରିମାନା ଆଦାୟ

**ବସ୍ତା, ୨୫।୨(ଡି.ଏନ.ଏ.):** ବସ୍ତା ଥାନା ଅନ୍ତର୍ଗତ ସନ୍ତୋଷପୁରଠାରେ ବେଆଇନ ବାଲି ବୋଝେଇ ଟ୍ରାକ୍ଟରକୁ ବସ୍ତା ତହସିଲଦାର କାର୍ତ୍ତିକ କୁମାର ଦାଶ ଅଟକ ରଖି ଜରିମାନା ଆଦାୟ କରିଛନ୍ତି। ମଙ୍ଗଳବାର ଟ୍ରାକ୍ଟରରେ ବାଲି ବୋଝେଇ ହୋଇଯାଉଥିବା ବେଳେ ତହସିଲଦାର ଚଢ଼ାଉ କରିଥିଲେ। ତେବେ ଏହି ଟ୍ରାକ୍ଟରରୁ ଜରିମାନା ବାବଦକୁ ୧୦ହଜାର ୧୦୫ ଟଙ୍କା ଆଦାୟ କରାଯାଇଥିବା ଜଣାପଡ଼ିଛି।

### ୮୫୦ ଲିଟର ଡିଜେଲ ଜବତ, ଜଣେ ଗିରଫ

**ବସ୍ତା, ୨୫।୨(ଡି.ଏନ.ଏ.):** ବସ୍ତା ଥାନା ଗୋଡ଼ିଖାଳ ବଜାରର ଏକ ପାନ ଦୋକାନରେ ବସ୍ତା ପୋଲିସ ଚଢ଼ାଉ କରି ୮୫୦ ଲିଟର ଡିଜେଲ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଗୋଡ଼ିଖାଳରେ ଚୋରା ଡିଜେଲ ବିକ୍ରି ହେଉଥିବା ଖବରପାଇ ବସ୍ତା ଥାନା ଆଇଆଇସି ମାନସ କୁମାର ଦେଓ ସଦଳବଳେ ଚଢ଼ାଉ କରିଥିଲେ। ସ୍ଥାନୀୟ ତେନ୍ତୁଳିଆ ଗ୍ରାମର ଅନ୍ତର୍ଯାମୀ ହାତୀଙ୍କ ପାନ ଦୋକାନରେ ୧୫ରୁ ଊର୍ଦ୍ଧ୍ୱ ବ୍ୟାରେଲ ଭର୍ତ୍ତି ଡିଜେଲ ଜବତ କରାଯାଇ ତାଙ୍କୁ ଗିରଫ କରାଯାଇଛି। ତାଙ୍କ ବିରୋଧରେ ଏକ ମାମଲା (ନଂ.୪୨/୨୦) ରୁଜୁକରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।



ବାଲିଆପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

## ବାଲିଆପାଳ ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ

**ବାଲିଆପାଳ, ୨୫।୨(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧୀନସ୍ଥ ବାଲିଆପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପଞ୍ଚଦଶ ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ପୂର୍ବାହ୍ନ ସାଢ଼େ ୧୦ଟାରେ ଛାତ୍ରୀମାନେ ଧଳାରଙ୍ଗର ଶାଢ଼ି ପରିଧାନ କରି ସିମୁଳିଆ ବଜାର ନିକଟସ୍ଥ ପୋଖରୀରୁ ଘଟ ଉତ୍ତୋଳନ କରି ବିଦ୍ୟାଳୟରେ ସ୍ଥାପନ କରିଥିଲେ। ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ସହିତ ଭାରତମାତାଙ୍କର ପୂଜାର୍ଚ୍ଚନା ପରେ ବାର୍ଷିକ ଉତ୍ସବ ଆରମ୍ଭ ହୋଇଥିଲା। ପିଲାମାନଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ, ବକ୍ତୃତା, ଏକକ ଅଭିନୟ ଆଦି ପ୍ରତିଯୋଗିତା କରାଯାଇଥିଲା।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ବିଦ୍ୟାଳୟର ସଭାପତି ପଞ୍ଚାନନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଧାତ୍ମିକ ଏବଂ ବୌଦ୍ଧିକ ବିକାଶ ପାଇଁ ଏମିତି ବିଦ୍ୟାଳୟର ଆବଶ୍ୟକତା ରହିଥିବା କହିଥିଲେ। ୨୧ନଂ. ଜୋନ୍‌ର ଜିଲାପରିଷଦ ସଦସ୍ୟ ରବୀନ୍ଦ୍ର ନାଥ ଅଣ୍ଡିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ବାରିକ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିବା ସହିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥିଙ୍କ ପ୍ରଦୀପ ପ୍ରଜ୍ୱଳନ ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବେଦପାଠ ଓ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ସମ୍ପାଦକ ଦେବବ୍ରତ ଦଣ୍ଡପାଟ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନଙ୍କ ଦ୍ୱାରା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଛାତ୍ରୀଛାତ୍ର ସହଯୋଗରେ ସାଂସ୍କୃତିକ କାର୍ଯ୍ୟକ୍ରମ ନାଟକ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ କମିଟିର ସଦସ୍ୟ ଅବସରପ୍ରାପ୍ତ ଶିକ୍ଷକ ନଗେନ୍ଦ୍ର ଦଣ୍ଡପାଟ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ଗୁରୁମା, ଗୁରୁଜୀଙ୍କ ମଧ୍ୟରେ ସନ୍ଧ୍ୟାରାଣୀ ଜେନା, ରିହାଜ୍ ଖାଁ, ସୁମତି ମଣ୍ଡଳ, ସଞ୍ଜୁବାଳା ମହାନ୍ତି, ଅର୍ଚ୍ଚନା ଉପାଧ୍ୟାୟ, ଶୁଭ୍ରାଂଶୁ ଶେଖର ଦେ, ସଞ୍ଜୁ ଲତା ପାତ୍ର, ବିଷ୍ଣୁପ୍ରିୟା ପାଳ, ବିବେକାନନ୍ଦ ବେହେରା, ସୁକାନ୍ତି ନାୟକଙ୍କ ସହିତ କମିଟିର ଅନ୍ୟ ସମସ୍ତ ସଦସ୍ୟାସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ଗୁରୁତ୍ୱାରୋପ

**ବାଲିଆପାଳ, ୨୫।୨(ଡି.ଏନ.ଏ.)**

ବାଲିଆପାଳ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସୋମବାର ଅନୁଷ୍ଠିତ ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଗୁରୁତ୍ୱାରୋପ କରିଛନ୍ତି। ଏମ୍‌ଜିଏନଆରଇଜିଏସ୍‌ରେ ଫାର୍ମ ପଣ୍ଡ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଆମ ଗାଁ ଆମ ବିକାଶ, ନୂଆ ଅଙ୍ଗନୱାଡ଼ି ଗୃହ ନିର୍ମାଣ ଆଦି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଜିଲାପାଳ ଜିଆରଏସ୍, ପିଇଓ, ଜେଇମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ କାର୍ଯ୍ୟଗୁଡ଼ିକ ସମ୍ପୂର୍ଣ୍ଣ ହେଉ ନ ଥିବା ଜିଲାପାଳଙ୍କଠାରେ ଅଭିଯୋଗ ହୋଇଥିଲା। ବ୍ଲକ ଅଧ୍ୟକ୍ଷ ବିଜନ ନାୟକ, ଉପାଧ୍ୟକ୍ଷା କବିତା ଦାସ, ଜିଲା ପଞ୍ଚାୟତ ଅଧିକାରୀ ନିମାଇଁ ଚରଣ ମହାନ୍ତି, ବିଡ଼ିଓ ଛବିରାଣୀ ସାହୁ, ତହସିଲଦାର ଦୀପକ କୁମାର ଦାସ, ଅତିରିକ୍ତ ତହସିଲଦାର ସସ୍ମିତା ମୁର୍ମୁ, ଏବିଡ଼ିଓ ଲାଦ ମୁର୍ମୁ ଓ ସମସ୍ତ ନିର୍ବାଚିତ ପ୍ରତିନିଧି ଯୋଗଦେଇଥିଲେ।

## ବିଜେଡି ଏସ୍‌ସି ସେଲ୍ ପକ୍ଷରୁ ସଭାପତିଙ୍କୁ ସମ୍ବର୍ଦ୍ଧନା


ବିଜେଡି ଏସ୍‌ସି ସେଲ୍ ପକ୍ଷରୁ ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ବାଲେଶ୍ୱର ଅଫିସ,୨୫।୨**

ବାଲେଶ୍ୱର ଜିଲା ପାଇଁ ବିଜେଡି ପକ୍ଷରୁ ଦ୍ୱିତୀୟ ଥର ଲାଗି ସଭାପତି ଭାବେ ଚୟନ ହୋଇଥିବା ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନାଙ୍କୁ ବିଜେଡି ଏସ୍‌ସି ସେଲ୍ ପକ୍ଷରୁ ମଙ୍ଗଳବାର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଜିଲା ସଭାପତି ଇଂ. ଜେନା ମୁଖ୍ୟମନ୍ତ୍ରୀଙ୍କର ଗତ ୨୦ବର୍ଷର ସଫଳତାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ସହିତ ଦଳକୁ ତୃଣମୂଳସ୍ତରରୁ ସୁଦୃଢ଼ କରିବା ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

ଜିଲା ଏସ୍‌ସି ସେଲ୍ ସଭାପତି ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ଆଇନ୍‌ଜୀବୀ ଲକ୍ଷ୍ମଣ କୁମାର ବେହେରା, ମାନଗୋବିନ୍ଦ ସେଠୀ, ପ୍ରତାପ କେଶରୀ ଦାସ, ଜୟନ୍ତ କୁମାର ମଲ୍ଲିକ, ଦିଲ୍ଲୀପ କୁମାର ମହାନ୍ତି, ଶଶିକାନ୍ତ ପ୍ରଧାନ, ବଂଶୀଧର ଦଳେଇ, ଗୁରୁପ୍ରସାଦ ଜେନା, କାର୍ତ୍ତିକ ଚନ୍ଦ୍ର ସେଠୀ, ସୌମ୍ୟଶଙ୍କର ମଲ୍ଲିକ, ନରେନ୍ଦ୍ର ସେଠୀ, ମହେଶ୍ୱର ଜେନା, ଗୌରାଙ୍ଗ ଚରଣ ଦାସ, କାଶୀ ମଲ୍ଲିକ, ସୁଦର୍ଶନ ଦାସ ଓ ଶ୍ରୀକାନ୍ତ ମଲ୍ଲିକ ପ୍ରମୁଖ ଜିଲାର ବିଭିନ୍ନ ନିର୍ବାଚନମଣ୍ଡଳୀରୁ ବହୁ ଦଳୀୟ କର୍ମୀ ଯୋଗଦେଇ ନୂତନ ସଭାପତି ଇଂ. ଜେନାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ନୀତି ଆଦର୍ଶର ବ୍ରତୀ ଥିଲେ ପଣ୍ଡିତ ଉମ୍ବରୁଧର

**ଖଇରା, ୨୫।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ନନ୍ଦୁର ପଞ୍ଚାୟତ ଅଧୀନ ସୁଙ୍ଗୁଡା ଗ୍ରାମର ସୁନାମଧନ୍ୟ ପଣ୍ଡିତ ଉମ୍ବରୁଧର ପଣ୍ଡାଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିସଭା ସୋମବାର ସୁଙ୍ଗୁଡା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ବ୍ରାହ୍ମଣ ସମିତି ଆନୁକୂଲ୍ୟରେ ଆୟୋଜିତ ସଭାରେ ଜଳଧର ମିଶ୍ର ପୌରୋହିତ୍ୟ କରିଥିଲେ। ପ୍ରଥମେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୧ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଗୀତା ଓ ଭାଗବତ ପାଠ ପରେ ପୁଅ କମଳାକାନ୍ତ ଓ ଶ୍ରୀକାନ୍ତ ଏବଂ ଜାମାତା ସ୍ୱର୍ଗତ ପଣ୍ଡାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଗ୍ରାମର ରମାକାନ୍ତ ଲେଙ୍କା ନୀତି ଆଦର୍ଶ ଉପରେ କବିତା ପାଠ କରିଥିଲେ। ସମିତିର ଜିଲା ଉପସଭାପତି କୃଷ୍ଣଚନ୍ଦ୍ର ପତ୍ରୀ, ବୁଦ୍ଧିରାମ ପାଣିଗ୍ରାହୀ, ଗଗନବିହାରୀ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ମିଶ୍ର, ପ୍ରଫୁଲ୍ଲ ପାଳଙ୍କ ପ୍ରମୁଖ ବକ୍ତବ୍ୟରେ ସ୍ୱର୍ଗତ ପଣ୍ଡା ନୀତି ଆଦର୍ଶକୁ ବ୍ରତ ଭାବେ ଗ୍ରହଣ କରିଥିଲେ ବୋଲି ପ୍ରକାଶ କରିଥିଲେ।

## ମହିଳାଙ୍କ ଆତ୍ମହତ୍ୟା

**ସୋର, ୨୫।୨(ଡି.ଏନ.ଏ.)**

ସୋର ଥାନା ଅଧୀନ ଶିଙ୍ଗାଖୁଣ୍ଟା ପଞ୍ଚାୟତ ଶିମିଳିଖୋଲ ଗ୍ରାମର ସୁମିତ୍ରା ନାୟକ ନାମକ ମହିଳା କନିଅର ମଞ୍ଜି ଖାଇ ଆତ୍ମହତ୍ୟା କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଘରୋଇ କଳହକୁ କେନ୍ଦ୍ର କରି କନିଅର ମଞ୍ଜିକୁ ବାଟି ପିଇଦେଇଥିଲେ। ପୋଲିସ ଶବ ବ୍ୟବଚ୍ଛେଦ କରାଇବା ସହିତ ଏକ ଅପମୃତ୍ୟୁ ମାମଲା (ନଂ.୧୫/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଗାଁ କଲ୍ୟାଣ ସମିତି ପକ୍ଷରୁ ୫୫ ୟୁନିଟ୍ ରକ୍ତ ସଂଗ୍ରହ

**ଭୋଗରାଇ, ୨୫।୨(ଡି.ଏନ.ଏ.)**


ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରାଯାଉଛି।

୫ଟିରେ ସ୍ୱାସ୍ଥ୍ୟବିଭାଗ ସାମିଲ ହେବା ପରେ ଭୋଗରାଇ ବ୍ଲକରେ ବନାବସାଣ-ତେଘରୀ ଗାଁ କଲ୍ୟାଣ ସମିତି ପକ୍ଷରୁ ମଙ୍ଗଳବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏନେଇ ଏକ ସଚେତନତା ସଭା ବନାବସାଣ-ତେଘରୀ (ମଟେଇବାଡ଼) ଗାଁ ଦୁର୍ଗାପୂଜା ମଣ୍ଡପଠାରେ ଆୟୋଜିତ ହୋଇଥିଲା। ସମିତି ସଦସ୍ୟ ସନ୍ତୋଷ କୁମାର ଜେନାଙ୍କ ପୌରୋହିତ୍ୟରେ ଜଳେଶ୍ୱର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ କମଳାକାନ୍ତ ଜେନା, ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟକ୍ରମ ପରିଚାଳକ କବି ପ୍ରସାଦ ସାହୁ, ସରପଞ୍ଚ ଧର୍ମପଦ ଦାସ, ରାଷ୍ଟ୍ରୀୟ ଗୌରବ ସମ୍ମାନିତ ସରପଞ୍ଚ ରମାକାନ୍ତ କରଣ, ସିଡ଼ିପିଓ ଭାରତୀ ସାହୁ, ସାମାଜିକ କର୍ମୀ ଅଧୀର ଗିରି ଗୋସ୍ୱାମୀ ପ୍ରମୁଖ ରକ୍ତଦାନ ସମ୍ପର୍କରେ ମତପ୍ରକାଶ କରିଥିଲେ। ପ୍ରତିକୂଳ ପାଗ ସତ୍ତ୍ୱେ ବାଲେଶ୍ୱର ରକ୍ତଭଣ୍ଡାର ଅଧିକାରୀ ମହେଶ୍ୱର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ୫୫ ଜଣଙ୍କ ରକ୍ତ ସଂଗ୍ରହ କରାଯାଇଛି।

## ପଶ୍ଚିମଦେବଗିରି ବନ ସଂରକ୍ଷଣ ସମିତିର ବାର୍ଷିକ ଉତ୍ସବ

**ସୋର, ୨୫।୨(ଡି.ଏନ.ଏ.):** ସୋର ବ୍ଲକ ଅନ୍ତର୍ଗତ ପଶ୍ଚିମଦେବଗିରି ବନ ସଂରକ୍ଷଣ ସମିତି, ଦିଗିଭଅାଁରା ଆନୁକୂଲ୍ୟରେ ରବିବାର ଦ୍ୱାବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମିତିର ସ୍ଥାୟୀ ସଭାପତି ଶଙ୍କର୍ଷଣ ବାରିକଙ୍କ ସଭାପତିତ୍ୱରେ ଉତ୍ସବରେ ମୁଖ୍ୟଅତିଥି ଭାବେ ଧାମନଗର ତହସିଲଦାର ରାଧାକାନ୍ତ ବାରିକ, ମୁଖ୍ୟବକ୍ତା ଭାବେ ସ୍ୱିତିର ସମ୍ପାଦକ ପ୍ରଦୀପ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ଆରଡ଼ିସିର ସମ୍ପାଦକ ରତିକାନ୍ତ ନାୟକ, ରତ୍ନାକର ଦାସ, ସୋର ବନାଞ୍ଚଳ ଅଧିକାରିଣୀ ବବିତା ସୋରେନ, ସ୍ଥାନୀୟ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷକ ତପନ କୁମାର ପଣ୍ଡା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀଧର ସାହୁ, ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ପ୍ରସାଦ ସାହୁ ଯୋଗଦେଇଥିଲେ। ସମିତିର ଉପସଭାପତି ଅଭିମନ୍ୟୁ ଜେନା ଯୋଗଦେଇ ବନ ସଂରକ୍ଷଣ ସମିତିର ଉଦ୍ଦେଶ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ବନପାଳ ସୁରମା ମଞ୍ଜରୀ ଦାସ ଧନ୍ୟବାଦ ଦେଇଥିଲେ।


ସମିତିର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

## ଜନହିତକର ଯୋଜନା, ବ୍ୟବସ୍ଥା ଉପରେ ଗୁରୁତ୍ୱ

**ବାଲେଶ୍ୱର ଅଫିସ, ୨୫।୨**



ଜାତୀୟ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବାଲେଶ୍ୱର ଜିଲା ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ଓ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଜାତୀୟ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟବସାୟ, ପରିଚାଳନା ବିଭାଗ ଏବଂ ବାଣିଜ୍ୟ ବିଭାଗର ଛାତ୍ରୀଛାତ୍ର ଯୋଗଦେଇଥିଲେ।

ବ୍ୟବସାୟ ଓ ପରିଚାଳନା ବିଭାଗ ଏବଂ ବାଣିଜ୍ୟ ବିଭାଗର ବରିଷ୍ଠ ପ୍ରଫେସର ଦେବୀ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଭୁବନେଶ୍ୱର କେଭିଆଇସିର ସହକାରୀ ନିର୍ଦ୍ଦେଶକ ଏ.କେ. ଭୂୟାଁ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱାଗତ ସମ୍ବର୍ଦ୍ଧନାକୁ ଗ୍ରହଣ କରିବା ସହ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଓ ବ୍ୟବସ୍ଥା ଉପସ୍ଥାପନା କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମଧୁମିତା ଦାସ ଓ କୁଳସଚିବ ଅମର ସିଂ ସୋରେନ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ବ୍ୟବସାୟ ଓ ପରିଚାଳନା ବିଭାଗର ମୁଖ୍ୟ ଡ. ପଦ୍ମିନିତା ରାଉତରାୟ, ବାଣିଜ୍ୟ ବିଭାଗର ପାଠ୍ୟ ସଂଯୋଜକ ଡ. ଆର୍ତ୍ତବନ୍ଧୁ ଜେନା ଛାତ୍ରୀଛାତ୍ରମାନଙ୍କୁ ଉକ୍ତ କାର୍ଯ୍ୟକ୍ରମର ବିଷୟବସ୍ତୁକୁ ଅବଲୋକନ କରାଇଥିଲେ। ଏହି ସମୟ ମଧ୍ୟରେ ଛାତ୍ରୀଛାତ୍ରମାନେ ନିଜ ନିଜ ମଧ୍ୟରେ ଥିବା ପ୍ରଶ୍ନର ଉତ୍ତର ଅନୁସନ୍ଧାନ ପୂର୍ବକ ମୁଖ୍ୟଅତିଥିଙ୍କ ସହିତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅଧାପିକା, ଅଧାପକମାନେ ସହଯୋଗ କରିଥିଲେ। ଶେଷରେ ବିଶ୍ୱବିଦ୍ୟାଳୟର ଟ୍ରେନିଂ ନୋଡ଼ାଲ ଅଫିସର ଡ. ଉମାକାନ୍ତ ଦାଶ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ସହରରେ ୬ ଘଣ୍ଟା ଭାରିଯାନ ଚଳାଚଳ ବନ୍ଦ

**ଜଳେଶ୍ୱର,୨୫।୨(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ଜଳେଶ୍ୱର ସହର ମଧ ଦେଇ ଭାରିଯାନ ଚଳାଚଳ କରୁଥିବାରୁ ସାଧାରଣ ଲୋକେ ଟ୍ରାଫିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସକାଳୁ ସନ୍ଧ୍ୟା ଯାଏ ବହୁ ପରିମାଣରେ ଡମ୍ପର, ଟ୍ରାକ୍ଟର ଓ ଟ୍ରକ୍ ଦ୍ୱାରା ବାଲି, ପଥର, ଇଟା ପରିବହନ ହେଉଥିବାରୁ ଯାତାୟାତ ଘୋର ଅସୁବିଧା ସୃଷ୍ଟି ହେଉଛି। ଏପରିକି ରାସ୍ତାକଡ଼ରେ ବହୁ ଯାନଗୁଡ଼ିକ ଦୀର୍ଘସମୟ ଧରି ଛିଡ଼ା ହେଉଥିବାରୁ ପରିସ୍ଥିତି ଜଟିଳ ହୋଇପଡିଛି। ୪୫ନଂ. ରେଳ ଓଭରବ୍ରିଜ୍ ନିର୍ମାଣ ଚାଲିଥିବାରୁ ପ୍ରାୟ ୧ କି.ମି. ସ୍ଥାନରେ ପରିସ୍ଥିତି ସଙ୍ଗୀନ ହୋଇପଡୁଛି। ଏହାକୁ ଦୃଷ୍ଟିରେ ରଖି ବାଲେଶ୍ୱର ଜିଲାପାଳଙ୍କ ନିର୍ଦ୍ଦେଶରେ ଜଳେଶ୍ୱର ପୌରପରିଷଦ ପକ୍ଷରୁ ଏକ ନିର୍ଦ୍ଦେଶନାମା ଅନୁଯାୟୀ ଡାକବାଜି ଯନ୍ତ୍ର ସାହାଯ୍ୟରେ ଜନସାଧାରଣଙ୍କୁ ଜଣାଇ ଦିଆଯାଇଛି। ଗତ ୨୪ତାରିଖରେ ଘୋଷଣା ହୋଇଥିବା ଏହି ନିର୍ଦ୍ଦେଶ ଅନୁଯାୟୀ ଏଣିକି ପ୍ରତିଦିନ ପୂର୍ବାହ୍ନ ୮ଟାରୁ ୧୧ଟା ଓ ଅପରାହ୍ନ ୩ଟାରୁ ୬ଟା ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ଉପରେ ଅଂକୁଶ ଲଗାଯାଇଛି। ଏହି ଆଇନ ଭଙ୍ଗ କଲେ ଯାନ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ବୋଲି ଚେତାବନୀ ଦିଆଯାଇଛି।

### କାରାଗାର ଅନ୍ତେବାସୀଙ୍କ ପରିବାରକୁ ମିଳିଲା ସ୍ୱାସ୍ଥ୍ୟସେବା

**କେନ୍ଦୁଝର, ୨୫।୨(ଡି.ଏନ୍.ଏ.):** କେନ୍ଦୁଝର ଜିଲା ଆଇନସେବା ପ୍ରାଧିକରଣ ସମାଜର ପ୍ରତ୍ୟେକ ବର୍ଗର ଲୋକମାନଙ୍କୁ ନ୍ୟାୟ ପ୍ରଦାନ ଓ ସେବା କାର୍ଯ୍ୟରେ କିଭଳି ଉଦାହରଣ ହୋଇଛି ତାହାର ଏକ ପ୍ରମାଣ ଏଠାରେ ପ୍ରଦାନ କରାଗଲା। ଘଟଗାଁ ଥାନା ଅଧୀନ ଲଙ୍ଗଳକଣ୍ଟି ଗ୍ରାମର ଜିତେନ୍ଦ୍ର ଗିରି ବିଚାର ବିଭାଗୀୟ ବନ୍ଦୀ ଭାବେ ଜିଲା କାରାଗାରରେ ରହିଛନ୍ତି। ତାଙ୍କର ପରିବାର କହିଲେ ମା', ପତ୍ନୀ ଓ ଏକମାତ୍ର ପୁତ୍ର। ସେମାନେ ଗ୍ରାମରେ ରହନ୍ତି। ଇତିମଧ୍ୟରେ କାରାମଙ୍ଗଳ ଅଧିକାରୀ ସୁଶ୍ରୀ ପୂଜା ନାୟକଙ୍କ ମାଧ୍ୟମରେ ଜିତେନ୍ଦ୍ର ଜାଣିବାକୁ ପାଇଲେ ଯେ ତାଙ୍କ ପତ୍ନୀ ଗତ ଏକ ସପ୍ତାହ ହେବ ମାଲେରିଆ ଜ୍ୱରରେ ଆକ୍ରାନ୍ତ ହୋଇଛନ୍ତି ଏବଂ ପୁତ୍ର ରାସ୍ତାରେ ପଡି ଆହତ ହୋଇଛି। ପାଖରେ ପଇସା ଓ ଜନ ବଳ ନଥିବାରୁ ଉଭୟ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇପାରି ନ ଥିଲେ। ପ୍ରାଧିକରଣର ଅଧକ୍ଷ ତଥା ଜିଲା ଓ ଦୌରାଜଜ୍ ବେଣୁଧର ପାତ୍ରଙ୍କ କାରାଗାର ପରିଦର୍ଶନ ସମୟରେ ଜିତେନ୍ଦ୍ର ତାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଜିଲା ଜଜ୍ ତୁରନ୍ତ ଜିତେନ୍ଦ୍ରଙ୍କ ପରିବାରକୁ ସ୍ୱାସ୍ଥ୍ୟକେନ୍ଦ୍ର ଯୋଗାଇବାକୁ ପ୍ରାଧିକରଣର ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାଧିକରଣ ସଚିବ ବନାଲି ତ୍ରିପାଠୀ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ପାରା ଆଇନ ସ୍ୱେଚ୍ଛାସେବୀ ଅକ୍ଷୟ କୁମାର ଚକ୍ର ଓ ଶିବନାଥ ନାୟକଙ୍କୁ କହିଥିଲେ। ପିଏଲ୍‌ଭି ଶିବନାଥ ନାୟକ ଲଙ୍ଗଳକଣ୍ଟି ଗ୍ରାମକୁ ଯାଇ ଜିତେନ୍ଦ୍ରଙ୍କ ପରିବାର ଲୋକଙ୍କୁ ଭେଟି ସ୍ୱାସ୍ଥ୍ୟ ସମ୍ବନ୍ଧରେ ବୁଝି ଏକ ଅଟୋରେ ଢେଙ୍କିକୋଟସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ତାଙ୍କ ପତ୍ନୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା, ସ୍ୱାସ୍ଥ୍ୟକେନ୍ଦ୍ରରୁ ଔଷଧ, ପୁଅର ଚିକିତ୍ସା କରାଇ ତାଙ୍କୁ ତାଙ୍କ ଘରେ ଛାଡି ଥିଲେ। ବନ୍ଦୀଙ୍କ ପରିବାରବର୍ଗଙ୍କୁ ଆଇନସେବା ଓ ସ୍ୱାସ୍ଥ୍ୟସେବା ପ୍ରଦାନ କରୁଥିବାରୁ ଜନସାଧାରଣ ଜିଲା ଆଇନସେବା ପ୍ରାଧିକରଣକୁ ସାଧୁବାଦ ଜଣାଇଛନ୍ତି।

### ଦୁର୍ଘଟଣାରେ ଯୁବକ ଗୁରୁତର

**ସୋର, ୨୫।୨(ଡି.ଏନ.ଏ.):** ସୋର ଉତ୍ତରେଶ୍ୱର ନିକଟରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ବାଇକ୍ ଚାଳକଙ୍କୁ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ସୋର ଡାକ୍ତରଖାନା ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଯୁବକ ଜଣକ ବାଇକ୍ ଭୁବନେଶ୍ୱରରୁ ଫେରୁଥିବା ବେଳେ ସୋର ନିକଟରେ ଭାରସାମ୍ୟ ହରାଇ ଏହି ଦୁର୍ଘଟଣା ଘଟିଥିଲା। ଯୁବକଙ୍କ ନାମ ଦେବୁ ଓ ଘର ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା କୁଜଗଡ଼ି ଗ୍ରାମରେ ବୋଲି ଜଣାପଡିଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ସାହିତ୍ୟଚର୍ଚ୍ଚା, ସାରସ୍ୱତ ବଣଭୋଜି

**ବାଲେଶ୍ୱର ଅଫିସ, ୨୫।୨**



ସାହିତ୍ୟଚର୍ଚ୍ଚା ଓ ସାରସ୍ୱତ ବଣଭୋଜିରେ ଉପସ୍ଥିତ କବୟିତ୍ରୀ ଓ କବି।

## ମଞ୍ଚସ୍ଥ ହେଲା ନାଟକ 'ସିଂହାସନ'

ବାଲେଶ୍ୱର ଚାନ୍ଦିପୁରସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରେ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ରବିବାର ଦିବସବ୍ୟାପୀ ସାହିତ୍ୟଚର୍ଚ୍ଚା ଓ ସାରସ୍ୱତ ବଣଭୋଜି ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ରେକର୍ଡ଼ ସଂଖ୍ୟକ ୩୫ଜଣ ଉପସ୍ଥିତ କବୟିତ୍ରୀ ଓ କବି 'ଚାଲ ଆମେ ବୋହିଯିବା ନଦୀ ପରି' ଶୀର୍ଷକରେ ଏକତ୍ର କବିତା ରଚନା କରି ତପନ ରାୟଙ୍କ ସଂଯୋଜନାରେ କବିତା ପାଠ କରିଥିଲେ। ଏହି ଅବସରରେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ରଚନା ଓ ଅଭିନେତା ନିରଞ୍ଜନ ରାଉତଙ୍କ ନିର୍ଦ୍ଦେଶନାରେ 'ସିଂହାସନ' ନାମକ ନାଟକରେ ସଞ୍ଜୟ ପଣ୍ଡା, ପ୍ରଦୀପ ଚାଟାର୍ଜୀ, ସ୍ନିଗ୍ଧା ସାମନ୍ତରାୟ, ଡ. ସାରଙ୍ଗଧର ତ୍ରିପାଠୀ, ପ୍ରଭାକର ସାହୁ ଓ ମୁଖ୍ୟ ଭୂମିକାରେ ବରିଷ୍ଠ ସାରସ୍ୱତ ସାଧକ ଡ. ପ୍ରହ୍ଲାଦ ଚରଣ ମହାନ୍ତି ଅଭିନୟ କରିଥିଲେ।

ପ୍ରାରମ୍ଭରେ ରାଧାକୃଷ୍ଣ ମନ୍ଦିରର ପୁରୋଧା ନରହରି ପଣ୍ଡାଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ଓ କଲ୍ୟାଣୀ ନନ୍ଦଙ୍କ ନେତୃତ୍ୱରେ ଏକ ସମୂହ ସଙ୍ଗୀତ ଗାନ କରାଯାଇଥିଲା। ଅତିଥି ଭାବେ ଶ୍ୟାମାଚରଣ ଦାସ, ପ୍ରଦୀପ ଚାଟାର୍ଜୀ, ମନ୍ମଥ କୁମାର ସାହୁ, ଶରତ କୁମାର ମହାପାତ୍ର, ଅରୁଣା ରାୟ, ଡ.ଭାଗବତ ପ୍ରସାଦ ଦାସ, ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ, ରଶ୍ମିରେଖା ପତି, ସ୍ୱାତୀ ମୁଖାର୍ଜୀ, ସୁଶୋଭନ ଦେ ଓ ନିର୍ମଳା ମହାନ୍ତି ଯୋଗଦେଇ ଓଡ଼ିଆ ଭାଷା ଓ ମାନସିକ ଆନନ୍ଦ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ୧୦ଜଣ ପ୍ରତିଭାବାନ କବୟିତ୍ରୀ କବିଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାନ୍ତସଙ୍ଗୀତ ଭାବରେ ଦୀପକ ବୋଷଙ୍କ ରଚିତ ବଣଭୋଜି ସଙ୍ଗୀତକୁ ସଙ୍ଗୀତଜ୍ଞ ସତ୍ୟରଞ୍ଜନ ମହାନ୍ତି ଓ ସାଥୀ ଗାନ କରିଥିଲେ। ଏହି ଅବସରରେ ଉପସ୍ଥିତ ସାହିତ୍ୟିକ ଓ ସାହିତ୍ୟିକାମାନେ ୧୦ଗୋଟି କୌତୂକାବହ ପ୍ରଶ୍ନର କୌତୂକପୂର୍ଣ୍ଣ ଉତ୍ତର ପ୍ରଦାନ କରିଥିଲେ।

# ଭାଜପାର ସାଙ୍ଗଠନିକ ବୈଠକ

**ବାଲେଶ୍ୱର ଅଫିସ,୨୫।୨**

ବାଲେଶ୍ୱର ସହର ବାଲିଆସ୍ଥିତ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଭବନରେ ମଙ୍ଗଳବାର ଭାଜପାର ଏକ ସାଙ୍ଗଠନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର ସଭାପତିତ୍ୱ କରି ଜିଲାରେ ଚାଲିଥିବା ବିଭିନ୍ନ ସରକାରୀ ଜନହିତକର ଯୋଜନାରେ ହେଉଥିବା ଦୁର୍ନୀତିକୁ ବିରୋଧ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟପକ୍ଷରେ ଆସନ୍ତା ଫେବୃୟାରୀ ୨୮ରେ ଭୁବନେଶ୍ୱର ଜନତା ମଇଦାନରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହେବାକୁ ଥିବା ସିଏଏ ଜନସଭା ସମ୍ପର୍କରେ ସୂଚନା ଦେଇ ବହୁମାତ୍ରାରେ ଯୋଗଦେବା ପାଇଁ ବ୍ୟବସ୍ଥା କରାଯିବାର ସୂଚନା ଦେଇଛନ୍ତି।

ବୈଠକରେ ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା' ଦୁର୍ନୀତି ସମ୍ପର୍କରେ ଜିଲା କାର୍ଯ୍ୟକର୍ତ୍ତାଙ୍କୁ ଅବଗତ କରାଇଥିଲେ। କେନ୍ଦ୍ର ସରକାରଙ୍କ 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା'ରେ ରାଜ୍ୟକୁ ଦିଆଯାଉଥିବା ଅର୍ଥର ବିନିଯୋଗ ଠିକ୍‌ରେ ହେଉନାହିଁ। ଶାସକ ବିଜେଡି ନେତାଙ୍କ ପ୍ରିୟାପ୍ରୀତି ଓ ପିସି କାରବାର ପାଇଁ ପ୍ରକୃତ ହିତାଧିକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା ବ୍ୟାପକ ଦୁର୍ନୀତି ବିରୋଧରେ ଭାଜପା ଆଗାମୀ ଦିନରେ ଜନଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛି। ଜିଲା ସାଧାରଣ ସମ୍ପାଦକ ମିହିର ପାଣି ସଭା କାର୍ଯ୍ୟକୁ ସଞ୍ଚାଳନ କରିଥିବା ବେଳେ ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି ଠାକୁର ରଞ୍ଜିତ ଦାସ, ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଦାସ, ରାଜ୍ୟ ସମ୍ପାଦିକା ଶୋଭନା ମହାନ୍ତି, ରେମୁଣା ବ୍ଲକ ଚେୟାରମ୍ୟାନ ସୁଶାନ୍ତ ପଟ୍ଟନାୟକ, ରାକେଶ ମଲ୍ଲିକ ଓ ଅଂଶୁମାନ ମହାନ୍ତି ଉପସ୍ଥିତ ଥିଲେ। ଜିଲା ଯୁବମୋର୍ଚ୍ଚା ସମେତ ଅନେକ ବରିଷ୍ଠ ନେତା ସଭା କାର୍ଯ୍ୟକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଶୈଶବରେ ଯତ୍ନ, ଶିକ୍ଷା ତାଲିମ

**ଆରଡ଼ି, ୨୫।୨(ଡି.ଏନ.ଏ.)**


ଶିବିରରେ ତାଲିମ ଦିଆଯାଉଛି।

ଭଦ୍ରକ ଜିଲା ଆରଡ଼ିରେ ଚାନ୍ଦବାଲି-୧ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ୬ ଦିନିଆ ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଘାଟିତ ହୋଇଛି। ଶିବିରରେ ଆରଡ଼ି ଓ ସୁନ୍ଦରପୁର ସେକ୍ଟରର ୪୦ ଜଣ ପ୍ରଶିକ୍ଷାର୍ଥୀ ଯୋଗ ଦେଇଥିଲେ। ଶିଶୁ ଜନ୍ମ ନେଲା ପରେ ଶୈଶବ କାଳରେ କିପରି ଯତ୍ନ ନିଆଯାଇପାରିବ ଓ ଶିକ୍ଷା ଦିଆଯାଇପାରିବ ସେ ସମ୍ପର୍କରେ ତାଲିମ ଦିଆଯାଇଥିଲା। ଉଭୟ ଶିଶୁ ଓ ମା' କିପରି ସୁସ୍ଥ ରହିବେ, ସେମାନଙ୍କ ସ୍ୱାସ୍ଥ୍ୟର ଯତ୍ନ କିପରି ପରିବାର ଲୋକେ ନେବେ ସର୍ବୋପରି ଶିଶୁ ନିରାମୟ ଜୀବନଯାପନ କରି ସମସ୍ତଙ୍କଠୁ ଯତ୍ନ ଓ ଶିକ୍ଷା ପାଇବ ସେ ବିଷୟରେ ଅଙ୍ଗନୱାଡି କର୍ମୀମାନେ ପ୍ରଶିକ୍ଷଣ ନେଇ ସାକାର ରୂପ ଦେବା ଏହି ଶିବିରର ମୂଳ ଲକ୍ଷ୍ୟ ବୋଲି ପ୍ରଶିକ୍ଷିକାମାନେ କହିଥିଲେ। ଶିଶୁ ବିକାଶ ମହିଳା ପରିଦର୍ଶିକା ଅନସୂୟା ଶତପଥୀ, ନିର୍ମଳା ସାହୁ, କରିସ୍ମା ପାଣିଗ୍ରାହୀ ପ୍ରଶିକ୍ଷଣ ଦେଇଥିଲେ। ଆସନ୍ତା ୨୯ ତାରିଖରେ ଶିବିର ଉଦ୍‌ଯାପିତ ହେବ।

## କେନ୍ଦ୍ରୀୟ ବିଦ୍ୟାଳୟ ପରିଚାଳନା ସମିତି ବୈଠକ

**କେନ୍ଦୁଝର, ୨୫।୨(ଡି.ଏନ୍.ଏ.)**

ଜିଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ କେନ୍ଦୁଝର କେନ୍ଦ୍ରୀୟ ବିଦ୍ୟାଳୟ ପରିଚାଳନା ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ହେମନ୍ତ କୁମାର ସାହୁ ବିବରଣୀ ପ୍ରଦାନ କରିଥିଲେ। ବିଦ୍ୟାଳୟର ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ସ୍ଥିର ହୋଇଥିଲା। ଓଡିଆ ଭାଷାଭିତ୍ତିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରଚଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସଦସ୍ୟ ଏଆର୍ ଖାନ, ଚିତ୍ତ ଶତପଥି, ମମତା ନାଏକ, ଗୀତାଞ୍ଜଳୀ ନାଏକ, ରଶ୍ମି ସିଂ ପ୍ରମୁଖ ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।


ସମ୍ମିଳନୀରେ ଉପସ୍ଥିତ କବୟିତ୍ରୀକବି।

# ନନ୍ଦୁର ଗ୍ରାମରେ କବିତା ଆସର

**ଖଇରା, ୨୫।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନନ୍ଦୁର ଗ୍ରାମରେ ରବିବାର ସନ୍ଧ୍ୟାରେ ସାରସ୍ୱତ କବିତା ଆସର ଅନୁଷ୍ଠିତ ହୋଇଯାଇଛି। କୁନ୍ତଳା କୁମାରୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ ସାହିତ୍ୟ ସମାରୋହରେ ଶିଶୁ କବି ଲମ୍ବୋଦର ନନ୍ଦ ପୌରୋହିତ୍ୟ କରିଥିଲେ। ସଂସଦର ସଭାପତି ସୁଦାମ ଚରଣ ରାଉତ, ଅଚ୍ୟୁତ କୁମାର ପଣ୍ଡା, କୁନ୍ତଳା ମହାରଥା, ମଧୁସୂଦନ ରାଉଳ, ବାବାଜୀ ମହାନ୍ତି, କଲ୍ୟାଣୀ ପଣ୍ଡା, ରାଜେଶ କୁମାର ନନ୍ଦ, ଅଭିମନ୍ୟୁ ନାୟକ, ସୁରେନ୍ଦ୍ର ପ୍ରସାଦ ନାୟକ ପ୍ରମୁଖ ନିଜର କବିତା ପାଠ କରିଥିଲେ। ରୂପଶ୍ରୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୮୦୦ଟଙ୍କା ଜରିମାନା

## ମନ୍ଦିରରୁ ଚୋରି ଘଟଣାର ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

**ବଡବିଲ, ୨୫।୨ (ସ୍ୱ.ପ୍ର.):** କେନ୍ଦୁଝର ଜିଲା ବଲାଣୀ ଥାନା ତଥା ବଡବିଲ ପୌରାଞ୍ଚଳ ମାଟକାମବେଡାସ୍ଥିତ ଚମ୍ପକେଶ୍ୱର ମନ୍ଦିରରୁ ବାସନକୁସନ ଚୋରି ମାମଲାର ଶୁଣାଣିକରି ବିଚାରଧୀନ ଥିବା ଜଣେ କଏଦୀଙ୍କୁ ମୋଟ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୮ ଶହ ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ସୂଚନା ଅନୁଯାୟୀ ଚମ୍ପକେଶ୍ୱର ମନ୍ଦିରର ରୋଷେଇ ସାମଗ୍ରୀଥିବା ଗୋଦାମ ଘରୁ ଗତ ୨୦୧୯ ମସିହା ଅକ୍ଟୋବର ମାସ ୨୮ ତାରିଖ ବଡି ଭୋର ସମୟରେ ବାସନକୁସନ ଚୋରି ହୋଇଥିଲାବେଳେ ଏ ନେଇ ବଲାଣୀ ଥାନାରେ ୨୮ ତାରିଖରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ପକ୍ଷରୁ ଥାନାରେ ଏକ ମାମଲା (ନଂ ୭୩/୨୦୧୯) ରୁଜୁ କରି ବଲାଣୀସ୍ଥିତ ଏମସି ହଟିଂ ଅଞ୍ଚଳର ସନାତନ ପୂର୍ତ୍ତିଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଏ ନେଇ ବଡବିଲ ଜେଏମଏଫସି କୋର୍ଟ ଜିଆର କେଶ (ନଂ ୬୬୮/୨୦୧୯)ରେ ବିଚାରାଧୀନ ରହିଥିଲା। ଅଭିଯୁକ୍ତ ସନାତନ ଜାମିନରେ ମୁକୁଳିପାରି ନ ଥିବାବେଳେ ବିଚାରପତି ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

# ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

**ସୋର, ୨୫।୨(ଡି.ଏନ୍.ଏ.)**

ଠାକୁର ଅନୁକୂଳଚନ୍ଦ୍ରଙ୍କ ପ୍ରଦତ୍ତ ମାର୍ଗଦର୍ଶନ ବିଶ୍ୱବାସୀଙ୍କୁ ସୁଖ, ଶାନ୍ତି ଓ ମୈତ୍ରୀର ବାର୍ତ୍ତା ପ୍ରଦାନ କରିବା ସହ ଆଧ୍ୟାତ୍ମିକ ଜଗତରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି ବୋଲି ସୋରରେ ଅନୁଷ୍ଠିତ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୨ତମ ଜନ୍ମ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ସୋର ସତ୍‌ସଙ୍ଗ ବିହାର ପରିସରରେ ମଙ୍ଗଳବାର ଅନୁଷ୍ଠିତ ଉତ୍ସବରେ ଡ.ପୂର୍ଣ୍ଣଚନ୍ଦ୍ର ପାଢ଼ୀ ପୌରୋହିତ୍ୟ କରିଥିଲେ। ସମ୍ପାଦକ ଡ. ଶଶାଙ୍କ ଶେଖର ଆଚାର୍ଯ୍ୟ ଠାକୁରଙ୍କ ଜୀବନାଦର୍ଶ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ କେଦାରନାଥ ମହାନ୍ତି ଯୋଗଦେଇ ଠାକୁରଙ୍କ ଜୀବନୀ ଓ ଠାକୁରଙ୍କ ଆଦର୍ଶ ସମ୍ପର୍କରେ ସାରଗର୍ଭକ ଭାଷଣ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବାଗୁଡ଼ି ନବୋଦୟର ବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟବ୍ରତ ସିହ୍ନା ଏବଂ ଋତିକ ଗୋପବନ୍ଧୁ ନାୟକ, ଉମାକାନ୍ତ ସାହୁ ଠାକୁରଙ୍କ ଜୀବନାଦର୍ଶ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ବେଦ ମାଙ୍ଗଳି, ସମବେତ ପ୍ରାର୍ଥନା, ସଙ୍ଗୀତାଞ୍ଜଳି ପରିବେଷଣ କରାଯାଇଥିଲା। ଉତ୍ସବରେ ଋତିକ କୈଳାସ ଚନ୍ଦ୍ର ପଣ୍ଡା, ରବିନାରାୟଣ ମିଶ୍ର, ଶଙ୍କର୍ଷଣ ପଟ୍ଟନାୟକ, ନରହରି ବେହେରା, ହରିହର ସାହୁ, ଗୁରୁ ପ୍ରସାଦ ପଣ୍ଡା, ଯଦୁନାଥ ବାରିକ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରବିନାରାୟଣ ଦାସ, ଦ୍ୱିଜେନ୍ଦ୍ର ଦାସ, କୃଷ୍ଣ ଚନ୍ଦ୍ର ସାହୁ, ବାସୁକୃଷ୍ଣ ନାୟକ, ନିରଞ୍ଜନ ମହାପାତ୍ର, ଅଜିତ ନାୟକ, ଦୀପ୍ତିରଞ୍ଜନ ଦାସ, ଅଭିମନ୍ୟୁ ଧଡ଼ା, ବୈକୁଣ୍ଠ ମହାପାତ୍ର, ପ୍ରଫୁଲ୍ଲ ପାତ୍ର, ଅମୀୟ ମିଶ୍ର, କୃତ୍ତିବାସ ସାହୁ, ଶଶାଙ୍କ ବେହେରା, ଉତ୍ପଳ ପାଢ଼ୀ, ମନୋରଞ୍ଜନ ପାଣିଗ୍ରାହୀ, ପଦ୍ମନାଭ ସୂତାର, ସୁରେନ୍ଦ୍ର ବାରିକ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ଏହି ଉତ୍ସବ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

# ମେଗା ସ୍ୱାସ୍ଥ୍ୟ ସେବା ଶିବିର

**ସୋର, ୨୫।୨(ଡି.ଏନ୍.ଏ.):** ସୋର ବ୍ଲକ ବାଲଙ୍ଗ ପଞ୍ଚାୟତର ସିମୁଳିଆରେ ଏକ ମେଗା ସ୍ୱାସ୍ଥ୍ୟସେବା ଶିବିର ରେବତୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଲାବଣ୍ୟବତୀ ହାଇସ୍କୁଲର ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ବ୍ୟାଙ୍କ ଅଧିକାରୀ ଡମ୍ବରୁଧର ନାୟକ ଶିବିରକୁ ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। କଟକ ଏସ୍‌ସିବି ମେଡ଼ିକାଲ କଲେଜର ବିଭିନ୍ନ ବିଭାଗର ବରିଷ୍ଠ ଡ଼ାକ୍ତରମାନେ ଉପସ୍ଥିତ ରହି ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବିତରଣ କରିଥିଲେ। କଟକ ବଡ଼ ମେଡ଼ିକାଲର ସର୍ଜରୀ ବିଭାଗର ପ୍ରଫେସର ଡ଼ାକ୍ତର ଶ୍ରୀକାନ୍ତ ପଣ୍ଡା ଓ ଏହି ଦୁଇ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ମାନଙ୍କ ସହଯୋଗରେ ଏହି ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ମୋଟ ୧୨୪୦ ଜଣ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇଥିଲା। ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତା ନିରଞ୍ଜନ ରାଉତ, ନେତ୍ରାନନ୍ଦ ରାଉତ, ନବକିଶୋର ଦାସ, ଶଶୀକାନ୍ତ ପଣ୍ଡା, ବୈରାଗୀ ଚରଣ ବେହେରା, ଅକ୍ଷୟ କୁମାର କର, ଧରଣୀଧର ବାରିକ, ମନୋରଞ୍ଜନ ରାଉତ, ବନମାଳୀ ବାରିକ, ସଞ୍ଜୟ କୁମାର ନାୟକ, ପ୍ରଶାନ୍ତ କୁମାର ଦାସ , ରାଜେନ୍ଦ୍ର ନାରାୟଣ ରାଉତ, ଭଗବାନ ପଣ୍ଡା, ମାନସ ରଞ୍ଜନ ଦାସ, ବିପିନ ବାରିକ, ବସନ୍ତ ବେହେରା, ସୁଧାଂଶୁ ବାରିକ, ପ୍ରଦୀପ କୁମାର ବେହେରା, ରମେଶ ନାରାୟଣ ରାଉତ, ରତିକାନ୍ତ ପରିଡା ଓ ଅଜୟ କୁମାର ଦାସ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ।

# ଭାଗବତ ପ୍ରଜ୍ଞା ପୀଠର ବାର୍ଷିକ ମହୋତ୍ସବ ଶେଷ

**ବାହାନଗା, ୨୫।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ଚିତ୍ତଳ ଗ୍ରାମର ଥିବା ପୁରସ୍ତମ କ୍ଷେତ୍ରର ଭାଗବତ ପ୍ରଜ୍ଞାପୀଠ ଆସନ ମନ୍ଦିରର ୧୩ ତମ ବାର୍ଷିକ ମହୋତ୍ସବ ସହିତ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ପୁରୀର ବଡ଼ ଓଡିଆମଠ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଭଦ୍ରକ, ବାଲେଶ୍ୱର, ଯାଜପୁର ଜିଲାର ୧ହଜାରରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ମାନେ ଉଦ୍‌ଘାଟନୀ ଉତ୍ସବ ଦିନ କଳସ ଶୋଭାଯାତ୍ରାରେ ଯୋଗ ଦେଇଥିଲେ। ଅନନ୍ତପୁରସ୍ଥିତ ମହାନ୍ତି ସାହିର ଥିବା ରାଧାମାଧବଜୀୟୁ ପୋଖରୀରୁ ମହିଳା ଓ ପୁରୁଷମାନଙ୍କ ଦ୍ୱାରା ୧୦୦୮ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିନ ଅଧିବାସ ହେବା ସହିତ ଦ୍ୱିତୀୟ ଦିନରେ ଜଳାଧିବାସ (ଘଟୋତ୍ତଳନ)କରାଯାଇଥିଲା। ପରେ ଯଜ୍ଞଶାଳ ପୂଜା, ଅଗ୍ନି ସଂସ୍କାର, ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଜ୍ଞାନଯଜ୍ଞର ଶୁଭାରମ୍ଭ କରିଥିଲେ ପୁରୀରୁ ଆସିଥିବା ପଣ୍ଡିତ ପ୍ରବୀର କୁମାର ଦାଶ ଶର୍ମା। ରାତିରେ ପୁରୀରୁ ଆସିଥିବା ଡଃ ଶିଶିର କୁମାର ପାଢୀଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ଗୁରୁବାର ସେହିପରି ଯଜ୍ଞ ଶାଳ ପୂଜା, ଦେବତା ମହାସ୍ନାନ, ଯଜ୍ଞାହୂତି ପ୍ରଦାନ, ଅନ୍ନଯଜ୍ଞ ଅନୁଷ୍ଠିତ ହେବା ସହିତ ରାତିରେ ପାଲା ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ପୁରୀରୁ ଆସିଥିବା ପଣ୍ଡିତ ପ୍ରବୀର କୁମାର ଦାସ ଶର୍ମା, ଭଗବାନ ପରିଚ୍ଛା ଶର୍ମା, ସୁଦର୍ଶନ ମହାପାତ୍ର ଶର୍ମା, ରାକୁନ ହୋତା ଶର୍ମା, ସତ୍ୟବାନ ମୁକ୍ତା ଶର୍ମା, ମିଧୁନ ଦାସ ଶର୍ମା ସମେତ ମହନ୍ତ ମହାରାଜ ବଂଶୀଧର ଦାସ ଗୋସ୍ୱାଇଁ ପ୍ରମୁଖ। ୩ ଦିନ ଧରି ପୁରୀର ସାକ୍ଷୀଗୋପାଳ ଅଞ୍ଚଳରୁ ଆସିଥିବା ପ୍ରସାଦ ଜେନାଙ୍କ ନେତୃତ୍ୱରେ ପାଲା ପରିବେଷଣ ହେଉଛି। ଗୁରୁବାର ଦେବତାଙ୍କ ସ୍ନାନ, ଅନ୍ନଯଜ୍ଞ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉଦ୍‌ଯାପନୀ ଦିବସରେ ଯଜ୍ଞର ପୂର୍ଣ୍ଣାହୂତି ପ୍ରଦାନ ସହିତ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମର ରବିନାରାୟଣ ଜେନା, ପୀତବାସ ପୁହାଣ, ଶିବ ପ୍ରଦାସ ସ୍ୱାଇଁ, ସୁଶୀଲ୍ କୁମାର ନାୟକ, ରାମକୃଷ୍ଣ ମିଶ୍ର, ବିଷ୍ଣୁମୋହନ ପଣ୍ଡା, କମଳାକାନ୍ତ ଦୀକ୍ଷିତ ଅଶୋକ କୁମାର ବାରିକ, ରବିନାରାୟଣ ବାରିକ, ମନ୍ଦିର ପୂଜକ ଦେବେନ୍ଦ୍ର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।


ମନ୍ଦିରରେ ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞ।

# ସାରସ୍ୱତ ମହୋତ୍ସବ

**ଭଦ୍ରକ ଅଫିସ, ୨୫।୨**

ଭଦ୍ରକ ଗରଦପୁରଠାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସାରସ୍ୱତ ମହୋତ୍ସବ-୨୦୨୦ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯଜ୍ଞସୁଧା ପ୍ରକାଶନର ପ୍ରଥମ କବିତା ପୁସ୍ତକ ଭିନ୍ନ ଏକ ସତ୍ୟ ଉନ୍ମୋଚନ କରାଯାଇଥିଲା। ଉଦ୍‌ଘାଟକ ଭାବେ ବିଶ୍ୱହିନ୍ଦୁ ପରିଷଦର ପୂର୍ବକ୍ଷେତ୍ର ସଙ୍ଗଠନ ମନ୍ତ୍ରୀ ଗୌରୀପ୍ରସାଦ ରଥ ଏବଂ ଅନ୍ୟତମ ଅତିଥି ଭାବେ ଧାମନଗର ବିଧାୟକ ବିଷ୍ଣୁ ସେଠୀ, ବିଶିଷ୍ଟ କବୟିତ୍ରୀ ବିଦ୍ୟୁତ୍‌ଲତା ଦାସ ଯୋଗ ଦେଇଥିଲେ। କବି କୈଳାସ ଦାସଙ୍କ ଦ୍ୱାରା ରଚିତ ଭିନ୍ନ ଏକ ସତ୍ୟ କବିତା ସଂକଳନର ସମୀକ୍ଷା କରିଥିଲେ ଦାମୋଦର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ନାୟକ ଏବଂ ଓଡ଼ିଶାର ପ୍ରତିଷ୍ଠିତ ଗୀତି କବି ହୃଦାନନ୍ଦ ପାଣିଗ୍ରାହୀ। ଏହି ଉତ୍ସବରେ ୩ଜଣ ଶିକ୍ଷୟିତ୍ରୀ ଶିକ୍ଷକ ମଦନ ମୋହନ ମହାନ୍ତ, ମନୋରମା ଆଚାର୍ଯ୍ୟ, ବନାନୀ ଏବଂ ସମାଜସେବୀ ତଥା ଗାୟିକା ମନିକା ମହାପାତ୍ରଙ୍କୁ ଯଜ୍ଞସୁଧା ପ୍ରକାଶନର ସ୍ୱତ୍ୱାଧିକାରୀ ଶକୁନ୍ତଳା ଦାସଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ମନୋରମା ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳୀ ସଭାପତିତ୍ୱ କରିଥିଲେ। ସ୍ୱାଧୀନ ସୁନ୍ଦର ଦାସ ଓ ଅଭିମନ୍ୟୁ ସାହୁ ସଭା ପରିଚାଳନାରେ ସହଯୋଗ କରିଥିଲେ।


ଉତ୍କଳ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି।

# ବିଦ୍ୟାଳୟର ବାର୍ଷିକୋତ୍ସବ

**ଖଇରା, ୨୫।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗୋଳିହାସ୍ଥିତ ଉତ୍କଳ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଅନୁପମା ନାୟକ ଏଥିରେ ପୌରୋହିତ୍ୟ କରିଥିଲେ। ସରପଞ୍ଚ ପୁଷ୍ପଲତା ଘଡେଇ ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷକ ଭୀଷ୍ମଚରଣ ନାୟକ ମୁଖ୍ୟବକ୍ତା, ସମିତିସଭ୍ୟ ପ୍ରମିଳା ନାୟକ, ଶିକ୍ଷାବିତ୍ ଦେବେନ୍ଦ୍ର ପ୍ରସାଦ ରାଉତ, ରମେଶ ଘଡେଇ, ମାୟାଧର ଜେନା, ଗଙ୍ଗାଧର ବେହେରା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ମାଧ୍ୟମରେ ଶିଶୁର ସର୍ବାଙ୍ଗୀନ ଉନ୍ନତି ସମ୍ଭବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ବିଭିନ୍ନ କ୍ରୀଡା ଓ କଳା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନକାରୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଷ୍ଠାତା ଗଙ୍ଗାଧର ଶିଅ ବିବରଣୀ ପାଠ କରିଥିଲେ। ଶିବ ପ୍ରସାଦ ମହାନ୍ତିଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

